ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.66 Bhubaneswar Saturday April 15 2023 | ୨୬ତମ ବର୍ଷ ସଂଖ୍ୟା–୬୬ ଭୁବନେଶ୍ୱର, ଶନିବାର, ଅପ୍ରେଲ ୧୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସିବିଆଇ ସମନ୍

ନୂଆଦିଲ୍ଲୀ,୧୪।୪(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀରୁ ଆସିଛି ବଡ ଖବର। ଦିଲ୍ଲୀ ତଥାକଥିତ ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ଆଜି ବଡ ପଦକ୍ଷେପ ନେଇଛି। ଏହି ମାମଲାରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଜି ସମନ କରାଯାଇଛି। ତାଙ୍କୁ ସିବିଆଇ ଅବକାରୀ ନୀତି ସମ୍ପର୍କରେ ଜେରା କରିବାକୁ ଚାହୁଁଛି। ଏଥିପାଇଁ ଏପ୍ରିଲ ୧୬ ତାରିଖ ଦିନ ୧୧ଟାରେ ତାଙ୍କୁ ସିବିଆଇ ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି।ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ମାମଲାର ତଦନ୍ତ ଉଭୟ ସିବିଆଇ ଓ ଇଡି କରୁଛନ୍ତି। ପୂର୍ବରୁ ଏହି ମାମଲାରେ ଦିଲ୍ଲୀର ତତ୍କାଳୀନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ପ୍ରଥମେ ସିବିଆଇ ଗିରଫ କରିଥିଲା। ସେ



ଜେଲରେ ଥିବା ବେଳେ ଇଡି ମଧ୍ୟ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଥିଲା।ଏବେ ସେ ଜେଲରେ ରହିଛନ୍ତି। ଏହା ପଛରେ ଆପ୍ ? କେନ୍ଦ୍ରରେ କ୍ଷମତାସୀନ ବିଜେପିର ହାତ ଥିବା ଅଭିଯୋଗ କରି ଆସୁଛି। ଏହାକୁ ନେଇ ରାଜନୀତି ଜୋର ଧରିଥିବା ବେଳେ ସିବିଆଇ କେଜ୍ରିୱାଲଙ୍କୁ ସମନ କରିଛି।

## ଭୁଶୁଡି ପଡିଲା ଫୁଟ୍‌ବ୍ରିଜ୍, ୨୦ରୁ ଅଧିକ ଆହତ

ଜମ୍ମୁ,୧୪।୪(ପି.ଏନ):ଏକ ଫୁଟ୍‌ବ୍ରିଜ୍ ଭୁଶୁଡି ପଡିବାରୁ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଶୁକ୍ରବାର ଏହି ଘଟଣାଟି ଘଟିଛି ଜମ୍ମୁ-କଶ୍ମୀରର ଉଧାମପୁର ଜିଲ୍ଲାର ଚେନାନିରେ।ବୈଶାଖୀ ମେଳା ଦେଖିବାକୁ ଲୋକଙ୍କର ଭିଡ ଜମିଥିଲା। ଅତ୍ୟଧିକ ଲୋକ ଯିବାଆସିବା କରିବାରୁ ଫୁଟ୍‌ବ୍ରିଜ୍‌ଟି ଭୁଶୁଡି ପଡିଥିଲା ବୋଲି କୁହାଯାଉଛି।ଆହତମାନଙ୍କୁ ଚେନାନି ସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଧିକ ସୂଚନାକୁ ଅପେକ୍ଷା କରାଯାଇଛି।

# ଦିନକ ପରେ ରାଜ୍ୟରେ ବଦଳିବ ପାଗ, ୧୬ରୁ ପୁଣି କାଳବୈଶାଖୀ ତାଣ୍ଡବ

ଭୁବନେଶ୍ୱର,୧୪।୪(ପି.ଏନ): ତାତିରେ ଲାଗିବ ବ୍ରେକ୍। ଦିନକ ପରେ ରାଜ୍ୟରେ ବଦଳିବ ପାଗ। ଉପକୂଳ ସମେତ ଦକ୍ଷିଣ ଓଡ଼ିଶାକୁ ମିଳିବ ତ୍ରାହି । ୧୬ରୁ ପୁଣି ଆରମ୍ଭ ହେବ କାଳବୈଶାଖୀ ତାଣ୍ଡବ। ଘଡ଼ଘଡ଼ି ବିଜୁଳି ସହ ଝଡ଼ ବର୍ଷା ନେଇ ୨୧ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଗରମ ଶୁଷ୍କ ବାୟୁର ପ୍ରଭାବ କମିଛି। ଏହାସହ ଏକ ନିମ୍ନ ଚାପ ରେଖା ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ତାତିରେ ବ୍ରେକ୍ ଲାଗିବା ସହ ପୁଣି କାଳବୈଶାଖୀ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, କେନ୍ଦୁଝର, ମୟୂରଭଞ୍ଜ,, ପୁରୀ, ଖୋର୍ଦ୍ଧା, ଅନୁଗୁଳ ସହ ଦକ୍ଷିଣ ଓଡ଼ିଶାର ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ ସହରରେ ଜାରି ରହିଛି ତାତିର ଅଘୋଷିତ କର୍ଫ୍ୟୁ । ଆଜି ବି ପଶ୍ଚିମ ଓଡ଼ିଶା ସ୍ଥିତି ସାଂଘାତିକ ରହିଛି। ଅଧିକାଂଶ ଜିଲ୍ଲାରେ ସ୍ୱାଭାବିକଠାରୁ ୪ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହିଛି। ଆସନ୍ତାକାଲି ଗ୍ରୀଷ୍ମ ପ୍ରବାହ ପାଇଁ ୬ଜିଲ୍ଲାକୁ ହିଟଓ୍ୱେଭ୍ ଆଲର୍ଟ ଜାରି କରାଯାଇଛି । ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ସୋନପୁର, ବୌଦ୍ଧ ଏବଂ ଦେବଗଡ ଜିଲ୍ଲାରେ ହଟ୍ ଓ୍ୱେଦର କଣ୍ଡିସନ ରହିବ। ଗତକାଲି ବାରିପଦା ବିଶ୍ୱର ସବୁଠୁ ଉତ୍ତପ୍ତ ସହର ଭାବେ ରେକର୍ଡ କରିଥିବା ବେଳେ ଝାରସୁଗୁଡାରେ ବି ଲଗାତାର ଗ୍ରୀଷ୍ମ ପ୍ରବାହ ବଢିଛି । ଏଥିପାଇଁ ଅଧିକାଂଶ ଜିଲ୍ଲାକୁ ଅରେଞ୍ଜ ମାର୍କ ଜାରି କରିଛି ପାଣିପାଗ କେନ୍ଦ୍ର। ସେପଟେ କାଲି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ଥିବାରୁ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଏସଆରସି। ଅଂଶୁଘାତ ମୁକାବିଲା ନେଇ ଆବଶ୍ୟକ ପଦକ୍ଷେପ ନେବା ସହ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଲକ୍ଷେ ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାତରେ ଧରାପଡିଲେ ଡାକ ବିଭାଗ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୧୪।୪(ପି.ଏନ): ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ ଅଫିସରେ କାର୍ଯ୍ୟରତ ଜଣେ ସହକାରୀ ଯନ୍ତ୍ରୀ (ସିଭିଲ)ଙ୍କୁ ଗିରଫ କରିଛି ସିବିଆଇ। ତାଙ୍କ ନାଁ ସୁଭାଶିଷ ପାଲ। ସେ ଜଣେ ଠିକାଦାରଙ୍କ ଠାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ସିବିଆଇ ଅଧିକାରୀଙ୍କ ହାତରେ ଧରାପଡିଥିଲେ। ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ ଅଫିସ ପରିସରରେ ସେ ଏହି ଅର୍ଥ ଗ୍ରହଣ କରୁଥିବା ବେଳେ ସିବିଆଇ ଅଧିକାରୀମାନେ ଚ ?।ଉ କରିଥିଲେ। ତାଙ୍କ ଠାରୁ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହା ସହିତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରିଛି ସିବିଆଇ। ସେହି ବ୍ୟକ୍ତି ଜଣଙ୍କ ଡାକ ବିଭାଗ କର୍ମଚାରୀ ନୁହନ୍ତି। ସେ ଉକ୍ତ ଠିକାଦାର ଓ ଇଞ୍ଜିନିୟର ସୁଭାଶିଷ ପାଇଁ ମଧ୍ୟସ୍ଥି ସାଜିଥିଲେ ବୋଲି ଜଣାପଡିଛି।

# ଦୁଷ୍କର୍ମ ଅଭିଯୋଗ ଆସିବା ପରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବହିଷ୍କାର ଦାବି କଲା ବିଜେପି

ଭୁବନେଶ୍ୱର,୧୪।୪(ପି.ଏନ): ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନାଆଁରେ ଦୁଷ୍କର୍ମ ଅଭିଯୋଗ ଆସିବା ପରେ ତାଙ୍କର ବହିଷ୍କାର ଦାବି କରିଛି ବିଜେପି।ରାଜ୍ୟ ବିଜେପି ସାଧାରଣ ସଂପାଦିକା ଲେଖାଶ୍ରୀ ସାମନ୍ତସିଂହାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ମୁଖ୍ୟମନ୍ତ୍ରୀ ତୁରନ୍ତ ବହିଷ୍କାର କରନ୍ତୁ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୀଡିତାଙ୍କ ଜୀବନ ପ୍ରତି ବିପଦ ରହିଛି।ସୂଚନା ମୁତାବକ, ଜଣେ ମହିଳା ମହିଳା ଥାନାରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନାଆଁରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ଉକ୍ତ ମହିଳାଙ୍କର ଶାସକ ଦଳରେ ଦବଦବା ରହିଛି। ମନ୍ତ୍ରୀଙ୍କ ସହ ଘନିଷ୍ଠତା ଯୋଗୁଁ ଶ୍ରମ ବିଭାଗରେ ମଧ୍ୟ ତାଙ୍କର ବେଶ ଖାତିର୍ ରହିଛି। କିଛିଦିନ ତଳେ ମହିଳା ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ପାଇଁ ବାହାରିଥିଲେ। ହେଲେ ଘଟଣାକୁ ଚପାଇ ଦିଆଯାଇଥିଲା। ଗତକାଲି ଗୁରୁବାର ସକାଳ ସାଢ଼େ ୧୦ଟା ସମୟରେ ମହିଳା ଜଣଙ୍କ ମହିଳା ଥାନାରେ ପହଞ୍ଚି ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମନ୍ତ୍ରୀଙ୍କ ନାଁରେ ଅଭିଯୋଗ ଶୁଣି ପୁଲିସ ଚାପ ବ ?ଯାଇଥିଲା। ପ୍ରକୃତରେ ଘଟଣା କ'ଣ? ଏହା ପଛରେ କେତେ ସତ୍ୟତା ଅଛି? ବାସ୍ତବ ଘଟଣା ଜାଣିବା ପାଇଁ ମହିଳାଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲା। ଦିନ ୧୧ଟାରୁ ଅପରାହ୍ନ ୫ଟା ଯାଏ ୬ଘଣ୍ଟା ଧରି ପୁଲିସ ଓ ମହିଳାଙ୍କ ମଧ୍ୟରେ ରୁଦ୍ଧଦ୍ୱାର ଆଲୋଚନା ହୋଇଥିଲା। ଶେଷରେ ଅପରାହ୍ନ ୫ଟାରେ ପୁଲିସ ମହିଳାଙ୍କୁ ଡାକ୍ତରୀ ମାଇନା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା। ସେଠାରେ ଡାକ୍ତରୀ ମାଇନା ପରେ ରାତି ପାଖାପାଖି ୯ଟା ସମୟରେ ମହିଳା ଜଣଙ୍କ ଥାନାକୁ ପହଞ୍ଚିଥିଲେ।

# ସମ୍ବଲପୁର ଆକାଶରେ ଘନଘନ ଉଡୁଛି ୬ ଡ୍ରୋନ୍

ଭୁବନେଶ୍ୱର,୧୪।୪(ପି.ଏନ): ସମ୍ବଲପୁର ସହର ଉପରେ ଘନଘନ ଉଡୁଛି ୫ ଡ୍ରୋନ୍। ସହରର ପ୍ରତି ଗଳିକନ୍ଦି ଉପରେ ରଖୁଛି ନଜର। ସେପଟେ ସମ୍ବଲପୁର ହିଂସା ଓ ଏହା ପରବର୍ତ୍ତି ଗତ ୩ ଦିନ ଧରି ସହରରେ ଅଶାନ୍ତି ସୃଷ୍ଟି ଘଟଣାରେ ୩୨ ଜଣଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଆଉ ଯେଉଁମାନେ ଏହି ହିଂସାକାଣ୍ଡରେ ଜଡିତ ଅଛନ୍ତି ସମସ୍ତଙ୍କୁ ଆଜି ପୁଲିସ ଧରିବ ବୋଲି ସମ୍ବଲପୁର ଏସ୍‌ପି ବି ଗଙ୍ଗାଧର ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ହିଂସାକାଣ୍ଡରେ ଜଡିତ ଆଉ ପ୍ରାୟ ୨୫ ଜଣଙ୍କୁ ଧରିବାକୁ ପୁଲିସ ଆଜି ଚଢ଼ଉ



ଜାରି ରଖିଛି। ପୂର୍ବରୁ ଏହି ହିଂସାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ୪୦ ଜଣଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କ ଭିତରୁ ୩୦ ଜଣଙ୍କୁ ଗିରଫ କରାଯାଇଥିଲା। ହସ୍ତଗତ ଭିଡିଓ ଓ ଫଟୋରୁ ଆଉ ୨୫ ଜଣଙ୍କୁ ହିଂସାକାଣ୍ଡ ଜଡିତ ଥିବା ଚିହ୍ନଟ କରାଯାଇଛି। ସେମାନଙ୍କୁ ଧରିବାକୁ ପଦକ୍ଷେପ ନିଆଯାଇଛି।

## ପିଲା ଆମ୍ବ ଖାଇବାରୁ ପିଶାଚ ପାଲଟିଲେ ଗଛ ମାଲିକ

ଭଦ୍ରକ,୧୪।୪(ପି.ଏନ): ବାଡ଼ିରୁ ଆମ୍ବ ଖାଇବାରୁ ନିସ୍ତୁକ ପିଟିଲେ ମାଲିକ ।୫ ନାବାଳକ ମେଡିକାଲରେ ଭର୍ତ୍ତି । ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧିନ ଜଳଙ୍ଗା ମାର୍କେଟସାହି ଅଞ୍ଚଳର ଘଟଣା । ମାଡ଼ ମାରିଥିବା ବ୍ୟକ୍ତି ଜଟିଆକୁ ଗିରଫ କରିଛି ଗ୍ରାମାଞ୍ଚଳ ଥାନା ପୋଲିସ । ୫ ଜଣ ଛୋଟ ପିଲା ଗାଁର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଆମ୍ବ ଗଛରୁ ଆମ୍ବ ଖାଇବାକୁ ଯାଇଥିଲେ । ଆମ୍ବ ତୋଳିବା ବେଳେ ଗଛ ମାଲିକଙ୍କ ହାବୁଡ଼ରେ ପଡିଯାଇଥିଲେ । ପରେ ମାଲିକ ୫ ଜଣ ପିଲାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ।

# ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଆବଣ୍ଟନର ଯାଞ୍ଚ ହେବ: କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଗିରିରାଜ ସିଂ

ଭୁବନେଶ୍ୱର,୧୪।୪(ପି.ଏନ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଆବଣ୍ଟନ ପ୍ରକ୍ରିୟାକୁ ନେଇ ଆପତ୍ତି ଉଠାଇଛନ୍ତି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଗିରିରାଜ ସିଂ। ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିବା ମନ୍ତ୍ରୀ ଗିରିରାଜ ସିଂକହିଛନ୍ତି, ଯୋଗ୍ୟ ଲୋକଙ୍କୁ ଆବାସ ଦେବା ପାଇଁ ଓଡିଶା ସରକାର ପ୍ରତିଶ୍ରୁତି ଦେବା ପରେ ମଧ୍ୟ ଯୋଗ୍ୟ ଲୋକେ ଆବାସ ପାଉନଥିବା ଅଭିଯୋଗ ଆସୁଛି। ସେନେଇ ଯାଞ୍ଚ କରାଯିବ। ସବୁ ନିୟମରୁ ଉର୍ଦ୍ଧ୍ୱକୁ ଯାଇ ଓଡିଶାକୁ ୩୮ ଲକ୍ଷ ଘର ଦିଆଯାଇଛି। ଉପା ସରକାର ସମୟରେ ଗ୍ରାମୀଣ ବିକାଶ ବିଭାଗରୁ ରାଜ୍ୟକୁ ମାତ୍ର ୨୬ହଜାର କୋଟି ମିଳୁଥିଲା। ମୋଦୀ ସରକାର ସମୟରେ ଏହା ୧ଲକ୍ଷ କୋଟିକୁ ବୃଦ୍ଧି ହୋଇଛି। ଏଥିରୁ ଓଡିଶା ପ୍ରତି ମୋଦୀ ସରକାରଙ୍କ ଭଲ ପାଇବା ଜଣାପଡୁଛି।ଏଣେ ସମ୍ବଲପୁର ହିଂସାକୁ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ। ଓଡିଶା ଭଳି ଶାନ୍ତ ଓ ସାଂସ୍କୃତିକ ରାଜ୍ୟରେ ଅଲଗାଓବାଦୀ ଓ କଟ୍ଟରବାଦୀ ଚିନ୍ତାଧାରା ଚଳିବ ନାହିଁ। ହନୁମାନ ଜୟନ୍ତୀ ଏବଂ ରାମ ନବମୀ ଶୋଭାଯାତ୍ରା ଉପରେ ପଥର ମାଡ଼ ଘଟଣା ଓଡିଶାରେ କିମ୍ବା ଦେଶରେ ଗ୍ରହଣୀୟ ନୁହେଁ।

## ବନ୍ଦ ହୋଇଯିବ କି ମାଗଣା ବିଜୁଳି ଯୋଜନା ଆପ୍ ସରକାର ଓ ଉପ ରାଜ୍ୟପାଳ ମୁହାଁମୁହିଁ

ନୂଆଦିଲ୍ଲୀ,୧୪।୪(ପି.ଏନ): ଆପ୍ ନେତୃତ୍ୱାଧୀନ ଦିଲ୍ଲୀ ସରକାର ଓ ଉପ ରାଜ୍ୟପାଳ ଭିକେ ସକ୍‌ସେନାଙ୍କ ମଧ୍ୟରେ ପୁଣିଥରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଏଥର ଦିଲ୍ଲୀର ୪୬ ଲକ୍ଷ ଲୋକଙ୍କୁ ବିଜୁଳି ଉପରେ ମିଳୁଥିବା ସବସିଡିକୁ ନେଇ ବିବାଦ ଦେଖାଯାଇଛି।ଦିଲ୍ଲୀର ଶକ୍ତିମନ୍ତ୍ରୀ ଆତିଶି ଘୋଷଣା କରିଛନ୍ତି ଯେ ଶୁକ୍ରବାର ଠାରୁ ଲୋକଙ୍କୁ ମୁଳୁଥିବା ସବସିଡି ବନ୍ଦ ହୋଇପାରେ। କାରଣ ସବସିଡି ବ୍ୟବସ୍ଥାକୁ ପରବର୍ତ୍ତୀ ବର୍ଷଗୁଡିକରେ ଲାଗୁ କରିବା ପାଇଁ ପ୍ରସ୍ତୁତ ଫାଇଲକୁ ଉପ ରାଜ୍ୟପାଳ କିଭେ ସକ୍‌ସେନା ଏଯାଏ ଅନୁମୋଦନ ଦେଇନାହାନ୍ତି। ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି ଶକ୍ତି ମନ୍ତ୍ରୀ ଆତିଶି କହିଛନ୍ତି, "ଆମେ ୪୬ ଲକ୍ଷ ଲୋକଙ୍କୁ ଦେଉଥିବା ସବସିଡି ଆଜି ଠାରୁ ବନ୍ଦ ହୋଇ ଯାଇପାରେ। ସୋମବାର ଠାରୁ ଲୋକମାନେ ସବସିଡି ନଥିବା ବିଜୁଳି ବିଲ୍ ପାଇବେ।

# ୧୫ରେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ, ଛୁଟି ରହିବ ସବୁ ଅଦାଲତ

କଟକ : ଏପ୍ରିଲ ୧୫ରେ ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଅନୁଷ୍ଠିତ ହେବ। ?୩୦ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୬୭ଟି ବୁଥ୍ ?ରେ ଭୋଟ ଗ୍ରହଣ ହେବ। ରାଜ୍ୟ ଆଇନଜୀବୀ ପରିଷଦର ୨୫ଟି ସଦସ୍ୟ ପଦ ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନରେ ୩୪ହଜାର ୯୦୮ଜଣ ଆଇନଜୀବୀ ମତ ଅଧିକାର ସାବ୍ୟସ୍ତ କରିବେ। କଟକରେ ୭ ହଜାର ୩୯୯ଜଣ ଓ ଭୁବନେଶ୍ୱରରେ ୪ ହଜାର ୧୪୫ଜଣ ଆଇନଜୀବୀ ମତଦାନ କରିବେ। ଏହି ନିର୍ବାଚନ ପାଇଁ ଏପ୍ରିଲ ୧୫ ଦିନ ହାଇକୋର୍ଟ ଓ ରାଜ୍ୟର ସମସ୍ତ ନିମ୍ନ ଅଦାଲତ ଛୁଟି ରହିବ। ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ପୁଲିଂ ଅଫିସର ଭାବେ ବିଚାରବିଭାଗୀୟ ମାଜିଷ୍ଟ୍ରେଟମାନେ ଦାୟିତ୍ୱ ନିର୍ବାହ କରିବେ। ଏଥି ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଏହି ନିର୍ବାଚନରେ ପ୍ରିଫରେନ୍ସିଆଲ ଭୋଟିଂ ବ୍ୟବସ୍ଥା ରହିଥିବା ବେଳେ ୨୫ଜଣ ସଦସ୍ୟଙ୍କୁ ମତଦାତାମାନେ ନିର୍ବାଚିତ କରିବେ। ଜଣେ ମତଦାତା ଅତି କମରେ ୫ଟି ପ୍ରିଫରେନ୍ସ ପ୍ରସଂଗରେ ବାଲଟ ପେପରରେ ଉଲ୍ଲେଖ କରିବେ। ସେଭଳି ହୋଇ ନଥିଲେ ସଂପୃକ୍ତ ବାଲଟ ପେ ?ପର ଖାରଜ ହେବାର ସମ୍ଭାବନା ରହିଛି ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି।ମତଦାନ ସମୟରେ ପାଳନ କରାଯିବାକୁ ଥିବା ନିୟମ ସଂକ୍ରାନ୍ତରେ ବିଭିନ୍ନ ବାର୍ ଆସୋସିଏସନକୁ ଅବଗତ କରାଯାଇଛି। ପୁଲିଂ ବୁଥ ଭିତରକୁ ଆଇନଜୀବୀମାନେ ମୋବାଇଲ ଫୋନ, କ୍ୟାମେରା, ଇଲେକ୍‌ଟ୍ରୋନିକ ସାମଗ୍ରୀ ଇତ୍ୟାଦି ନେଇ ପାରିବେ ନାହିଁ ବୋଲି ନିୟମ କରାଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିଭଳି ଭାବେ ଆଇନଜୀବୀ ବାସୁଦେବ ପୂଜାରୀ ଓ ପ୍ରଫୁଲ୍ଲ କୁମାର ରଥ ସହକାରୀ ରିଟର୍ଣ୍ଣିଂ ଅଫିସର ଭାବେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ବିଜେପି ଛାଡି କଂଗ୍ରେସରେ ମିଶିଲେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୪।୪(ପି.ଏନ): ଟିକେଟ ନ ମିଳିବାରୁ ଦୁଇ ଦିନ ତଳେ ବିଜେପିରୁ ଇସ୍ତଫା ଦେଇଥିବା କର୍ଣ୍ଣାଟକାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସାବାଡି ଶୁକ୍ରବାର କଂଗ୍ରେସରେ ଯୋଗ ଦେଇଛନ୍ତି। କର୍ଣ୍ଣାଟକା ପ୍ରଦେଶ କଂଗ୍ରେସ ସଭାପତି ଡିକେ ଶିବକୁମାର ଏହି ସୂଚନା ଦେଇଛନ୍ତି। ଅଥାନି ଆସନରୁ



୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ଲକ୍ଷ୍ମଣ ଏଥର ମଧ୍ୟ ଏହି ଆସନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। କିନ୍ତୁ ବିଜେପି ତାଙ୍କ ବଦଳରେ ମହେଶ କୁମାଥଲୀଙ୍କୁ ଟିକେଟ୍ ଦେଇଛି। ମଙ୍ଗଳବାର ଏହି ଘୋଷଣା ପରେ ବୁଧବାର ଲକ୍ଷ୍ମଣ ସାବାଡି ବିଜେପିରୁ ଇସ୍ତଫା ଦେଇଥିଲେ। ତା'ସହିତ ସେ ବିଧାନ ପରିଷଦ ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ।

# ଓଡିଶାରେ ମୁଣ୍ଡ ଫଟା ଖରା, ମୁମ୍ବାଇରେ ୪୯ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ନୂଆଦିଲ୍ଲୀ,୧୪।୪(ପି.ଏନ): ପାଣିପାଗ ପରିବର୍ତ୍ତନର ବିରଳ ଦୃଶ୍ୟ ଏବେ ସାମ୍ନାକୁ ଆସିଛି। ବିଗତ କିଛି ଦିନ ହେଲା ଓଡିଶା ସମେତ ଏକାଧିକ ରାଜ୍ୟରେ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି। ଗୁରୁବାର ସ୍ଥିତି ଏପରି ହୋଇଥିଲା ଯେ ଓଡିଶାର ବାରିପଦା ବିଶ୍ୱର ସର୍ବାଧିକ ଉତ୍ତପ୍ତ ସହର ବନିଥିଲା।ଏଠାରେ ପାରଦ ୪୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଆଜି ମଧ୍ୟ ଝାରସୁଗୁଡାରେ ତାପମାତ୍ରା ଦିନ ୨.୩୦ ସୁଦ୍ଧା ୪୨ ଡିଗ୍ରୀ ପାର କରିଛି। ଆଗକୁ ଗ୍ରୀଷ୍ମର ପ୍ରକୋପ ଅଧିକ ରହିବ ବୋଲି କୁହାଯାଉଛି।ଓଡିଶାବାସୀ ବର୍ଷା ପାଇଁ ଡହଳବିକଳ ହେଉଥିବା ବେଳେ ମୁମ୍ବାଇବାସୀଙ୍କୁ କିନ୍ତୁ ଆଶ୍ୱସ୍ତି ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ମୁମ୍ବାଇରେ



ଦୀର୍ଘ ଘଣ୍ଟାଏରୁ ଅଧିକ ସମୟ ଧରି ପ୍ରବଳ ବର୍ଷା ହୋଇଛି। ଘଡଘଡି ସହ ବର୍ଷା ପ୍ରବଳ ଗରମ ଓ ଗୁଳୁଗୁଳିରୁ ଲୋକଙ୍କୁ ସାମାନ୍ୟ ମୁକ୍ତି ଦେଇଛି। ତେବେ ଗତକାଲିର ବର୍ଷା ମୁମ୍ବାଇରେ ୪୯ ବର୍ଷର ରେକର୍ଡ ଭାଙ୍ଗିଛି।

# ଚୈତ୍ର ଯାତ୍ରା ପାଲଟିଲା ଶେଷ ଯାତ୍ରା, ଗଭୀର ଜଳ ରାଶିରେ ୪ ଜଣ ନେଲେ ସମାଧି

ଜୟପୁର,୧୪।୪(ପି.ଏନ): ଚୈତ୍ର ଯାତ୍ରା ପାଲଟିଲା ଶେଷ ଯାତ୍ରା । ଯାତ୍ରା ଦେଖି ହସଖୁସିରେ ଫେରୁଥିବା ବେଳେ କୋଲାବ ଜଳ ଭଣ୍ଡାରର ତେନ୍ତୁଳିପଡ଼ା ନିକଟରେ ବୁଡ଼ିଗଲା ଡଙ୍ଗା । ଗଭୀର ଜଳ ରାଶିରେ ସଲିଳ ସମାଧି ନେଲେ ୪ ଜଣ ଆରୋହୀ । ଦୀର୍ଘ ୨୨ ଘଣ୍ଟାର ଅପରେସନ ପରେ ପାଣି ଭିତରୁ ୧୬ ବର୍ଷୀୟ କୋମୁ ବାଲାଡିଙ୍କ ମୃତଦେହ ଉଦ୍ଧାର ହୋଇଛି । ପୂର୍ବରୁ ଉଦ୍ଧାର ହୋଇଥିବା ଅନ୍ୟ ତିନି ମୃତକ ହେଲେ ବବିତା ହନ୍ତାଳ, ସାବିତ୍ରୀ କିରସାନି, ରମା କିରସାନି । ସାବିତ୍ରୀ କିରସାନି ଓ ରମା କିରସାନି ଦୁଇ ଭଉଣୀ ହୋଇଥିବା ସୂଚନା ରହିଛି । କୋମୁଙ୍କ ମୃତଦେହ ଉଦ୍ଧାର ପରେ ରେସକ୍ୟୁ ଅପରେସନ ଶେଷ ହୋଇଛି । ଘଟଣା ସ୍ଥଳରେ ରାଜପୁଟ ପଂଚାୟତର ସରପଞ୍ଚ ପିତାମ୍ବର କିରସାନି, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ଓ କୋରାପୁଟ ଉପଜିଲ୍ଲାପାଳ ଉପସ୍ଥିତ ଅଛନ୍ତି ।

# ପେଟ୍ରୋଲ ଶୁଙ୍ଘୁଥିଲେ ହୋଇଯାଆନ୍ତୁ ସାବଧାନ, ପେଟ୍ରୋଲ ଶୁଙ୍ଘିବା କ୍ଷଣି ବାଇକ୍ ଚାଳକଙ୍କ ହୋଇଗଲା ମୃତ୍ୟୁ

ରାଞ୍ଚି,୧୪।୪(ପି.ଏନ): ପେଟ୍ରୋଲ ଶୁଙ୍ଘୁଥିଲେ ହୋଇଯାଆନ୍ତୁ ସାବଧାନ । ଏହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାର । ଏମିତିକି ଜୀବନ ନେଇପାରେ । ଝାଡ଼ଖଣ୍ଡର ଦେବଘର ଜିଲ୍ଲାରେ ୨୦୨୧ ମସିହାରେରେ ଜଣେ ଯୁବକଙ୍କ ଶବ ତାଙ୍କ ବାଇକ୍ ଉପରେ ପଡ଼ିଥିବାର ଦେଖାଯାଇଥିଲା । ଯୁବକଙ୍କ ଶରୀରରେ କେଉଁଠି ବି ଆଘାତ ନଥିଲା ଏବଂ ନା ହିଁ ସେ ଅସୁସ୍ଥ ଥିଲେ । ଆଦିତ୍ୟ ନାମକ ଏହି ଯୁବକଙ୍କ ମୃତଦେହ ତାଙ୍କ ବାଇକ ଉପରେ ହିଁ ଥିଲା ଏବଂ ନାକ ଗାଡ଼ିର ଟାଙ୍କିରେ ଲାଗିଥିଲା । ଟାଙ୍କିର ଲକ୍ ଖୋଲାଥିଲା । ଚାବି ହାତରେ ଥିଲା । କାହାକୁ ବି ବୁଝା ପଡୁନଥିଲା ଯେ ଯୁବକଙ୍କ ମୃତ୍ୟୁ କେମିତି ହେଲା । ପୋଲିସ ଯେବେ ପରିବାର ଲୋକଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରିଥିଲା ତେବେ ଜଣାଯାଇଥିଲା ଯେ, ଯୁବକ ଜଣକ ନିଶା କବଳରେ କବଳିତ ଥିଲେ ଏବଂ ନିଶା ପାଇଁ ପେଟ୍ରୋଲ ମଧ୍ୟ ଶୁଙ୍ଘୁଥିଲା । ଘଟଣା ସମୟରେ ମଧ୍ୟ ସେ ପେଟ୍ରୋଲ ହିଁ ଶୁଙ୍ଘୁଥିଲା । କିନ୍ତୁ ପେଟ୍ରୋଲ ଗ୍ୟାସରେ ଥିବା ବିଷାକ୍ତ ତତ୍ତ୍ୱ ତାଙ୍କ ଉପରେ ଏପରି ପ୍ରଭାବ ପକାଇଥିଲା ଯେ ତାଙ୍କ ଶରୀରରେ ଅକ୍ସିଜେନ ସପ୍ଲାଇ ହିଁ ଅଟକିଯାଇଥିଲା ଏବଂ ସେ ଯେଉଁ ପୋଜିସନରେ ଥିଲେ, ସେମିତି ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ଆପଣ ଭାବୁଥିବେ ଯେ ପେଟ୍ରୋଲ ଶୁଙ୍ଘିବା କେଉଁ ପ୍ରକାର ନିଶା ଅଟେ ଏବଂ ଏହା ଏତେ ବିପଦଜନ୍ନକ କାହିଁକି ଅଟେ । ପ୍ରକାଶଥାଉକି ଏହା ଏକ ପ୍ରକାର ଆଡିକ୍ସନ ଅଟେ । ଏହାକୁ ଇଂରାଜୀରେ ପେଟ୍ରୋଲ ସ୍ନିଫିଙ୍ଗ କୁହାଯାଏ । ଅନେକ ଆଫ୍ରିକୀୟ ଦେଶରେ ଏହି ଆଶକ୍ତି ବିକରାଳ ରୂପ ନେଇଛି । ଆମ ଦେଶରେ ମଧ୍ୟ ଅନେକ ଲୋକ ପେଟ୍ରୋଲ ଶୁଙ୍ଘିବାର ସଉକ ରଖିଥାନ୍ତି । ସେମାନଙ୍କୁ ଲାଗିଥାଏ ଯେ ଏପରି କରିବା ସାଧାରଣ ଅଟେ । କିନ୍ତୁ ଅଜାଣତରେ ସେମାନେ ଏକ ଭୟଙ୍କର ଆଶକ୍ତିର ଶିକାର ହେବାରେ ଲାଗିଥାନ୍ତି । ପେଟ୍ରୋଲ ଗନ୍ଧ ନିଶ୍ୱାସ ଅଟକାଇପାରେ ।ପେଟ୍ରୋଲ ସିଧା ନର୍ଭସ ସିଷ୍ଟମ ଉପରେ ପ୍ରଭାବ ପକାଇଥାଏ, ଯେଉଁ କାରଣରୁ ମସ୍ତିଷ୍କ ପର୍ଯ୍ୟନ୍ତ ଅକ୍ସିଜେନର ସପ୍ଲାଇ ବନ୍ଦ ହୋଇଯାଇଥାଏ ଏବଂ ତୁରନ୍ତ ମୃତ୍ୟୁ ହୋଇଯାଇଥାଏ । ଯଦି ପେଟ୍ରୋଲ ପାଖକୁ ଯାଇ ନିଶ୍ୱାସ ନିଆଯାଏ ତେବେ ପେଟ୍ରୋଲରେ ଥିବା କାର୍ବନ ମନକ୍ସାଇଡ ଫୁସଫୁସକୁ ଯିବା କ୍ଷଣି ପ୍ରଭାବ ଦେଖାଇବା ଆରମ୍ଭ କରିଦେଇଥାଏ ଏବଂ ନର୍ଭସ ସିଷ୍ଟମକୁ କମଜୋର କରିବାକୁ ଲାଗିଥାଏ । ଯଦି ଏହି ଗ୍ୟାସ୍ ଅଧିକ ମାତ୍ରାରେ ଶରୀର ଭିତରକୁ ଚାଲିଯାଏ ତେବେ ସମ୍ପୂର୍ଣ୍ଣ ନର୍ଭସ ସିଷ୍ଟମକୁ ଫେଲ୍ କରିପାରେ ।ଯେଉଁକାରଣରୁ ମଣିଷକୁ ନିଶ୍ୱାସ ନେବାରେ ସମସ୍ୟା ହୋଇଥାଏ ଏବଂ ଶରୀରରେ ଅକ୍ସିଜେନର ଅଭାବ ଦେଖା ଦେଇଥାଏ । ଯାହା କି ତାର ମୃତ୍ୟୁର କାରଣ ହୋଇଥାଏ । ଏହା ବ୍ୟତୀତ ପେଟ୍ରୋଲ ଶୁଙ୍ଘିବା ଦ୍ୱାରା ମୁଣ୍ଡ ବୁଲାଇବା, ଡିପ୍ରେସନ, ଭୋକ ନକରିବା, ମଳରେ ରକ୍ତ ପଡ଼ିବା, ଚିଡିଚିଡାପଣ, ଅନ୍ଧାପଣ, ବେହୋସ ହେବା, ଛାତିରେ ଜଳାପୋଡ଼ାର ସମସ୍ୟା ମଧ୍ୟ ହୋଇପାରେ । ପେଟ୍ରୋଲ ସ୍ନିଫିଂ ଏକ ପ୍ରକାରର ରୋଗ ଅଟେ । ଯାହା ଧୀରେ ଧୀରେ ନର୍ଭସ ସିଷ୍ଟମକୁ ପ୍ରଭାବିତ କରିଥାଏ । ଯଦି କାହାକୁ ପେଟ୍ରୋଲର ଗନ୍ଧ ଭଲ ଲାଗୁଛି ତେବେ ଏହାର ଅର୍ଥ ଯେ ସେ କୌଣସି ନା କୌଣସି ସ୍ତରରେ ପେଟ୍ରୋଲ ସ୍ନିଫିଙ୍ଗ ଦ୍ୱାରା ଗ୍ରସ୍ତ ଅଛନ୍ତି । ଏପରି ସ୍ଥିତିରେ ଏହି ଆଶକ୍ତିରେ ପଡ଼ିବା ଏବଂ ରୋଗାଗ୍ରସ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ପେଟ୍ରୋଲରେ ଥିବା ବେଞ୍ଜିନ ମିଠା ଗନ୍ଧର ହୋଇଥାଏ । ଯାହା ଅନେକ ଲୋକଙ୍କୁ ପସନ୍ଦ ଆସିଥାଏ । କିନ୍ତୁ ଅନେକ ରିସର୍ଚ୍ଚରୁ ପ୍ରମାଣିତ ହୋଇଛି ଯେ ବେଞ୍ଜିନ ଫୁସଫୁସକୁ ଯିବା ପରେ କ୍ୟାନ୍ସରର କାରଣ ହୋଇପାରେ ଏବଂ ଲୋକଙ୍କୁ ଏହାର ଅଭ୍ୟାସ ଲାଗିପାରେ । ତେଣୁ ଏହି ବଦଅଭ୍ୟାସ ସମୟ ଥାଉ ଥାଉ ବଦଳାଇ ଦିଅନ୍ତୁ ।

# ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି କଥା କହିଲେ ଚମ୍‌କୁଛି ବିଜେଡି : ବିଜେପି

ଭୁବନେଶ୍ୱର, ୧୪।୪(ପି.ଏନ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ପଡ଼ିଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିଷୟରେ ସରକାରଙ୍କୁ ପ୍ରଶ୍ନ କଲେ ବିଜୁ ଜନତା ଦଳର ନେତା ଓ ମୁଖପାତ୍ରମାନେ ଏହା ଉପରେ ସ୍ପଷ୍ଟୀକରଣ ନଦେଇ ଅନ୍ୟ ରାଜ୍ୟର ଦ୍ୱାହି ଦେଇ ଖସିଯିବାକୁ ଅପଚେଷ୍ଟା କରୁଛନ୍ତି। ଏହା ଉପରେ ପ୍ରଶ୍ନ କରୁଥିବା ଲୋକଙ୍କୁ ପାଗଳର ଆଖ୍ୟା ଦେବା ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ କହିଛନ୍ତି।ରାଜ୍ୟ ସରକାର ନିଜେ ସ୍ୱୀକାର କଲେ ଯେ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦିବାଲୋକରେ ଜଣେ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କଲେ। ସଠିକ୍ ତଦନ୍ତ ନାଁରେ ପ୍ରତ୍ୟେକଦିନ ନୂଆ ନୂଆ ଗପ ଶୁଣାଇ ଚୁପ୍‌ଚାପ ବସିଗଲେ। ଆଜିପର୍ଯ୍ୟନ୍ତ ନବ ଦାସଙ୍କ ହତ୍ୟା ପଛର ଷଡଯନ୍ତ୍ରର ଖୁଲାସା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ସ୍ୱର୍ଗତଃ ଦାସଙ୍କୁ ହତ୍ୟା କରିବାର ଠିକ୍ ମାସେ ପୂରିବା ଦିନ ସେହି ଅଂଚଳରୁ ଜଣେ ପିଲାକୁ ଅପହରଣ କରି ଯେଉଁଭଳି ହତ୍ୟା କରାଗଲା ତାହା ଦର୍ଶାଉଛି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି କେଉଁଭଳିଭାବେ ବିପର୍ଯ୍ୟସ୍ତ ବୋଲି ଶ୍ରୀମତୀ ସାହୁ କହିଛନ୍ତି।ଯେଉଁ ସରକାରର ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ନାଁରେ ଏକାଧିକ ଅପରାଧିକ ମାମଲା ରହିଛି ସେ ଦଳ ଅନ୍ୟ ରାଜ୍ୟର କଥା କହି ଖସିଯିବା ହାସ୍ୟାସ୍ପଦ। ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରଶ୍ନର ଉତର ରଖନ୍ତୁ ଶାସକ ଦଳର ମୁଖପାତ୍ର। ଆଇନଶୃଙ୍ଖଳାର ଆଇନା ଦେଖାଇଲେ କାହିଁକି ଚମକି ପଡୁଛି ବିଜୁ ଜନତା ଦଳ ବୋଲି ଶ୍ରୀମତୀ ସାହୁ କହିଛନ୍ତି।










# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ଚ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ବନ୍ୟଜନ୍ତୁ ସଂରକ୍ଷଣ



ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ରବର୍ଣ୍ଣ ବନଭୂମିରେ ବନ୍ୟ ପଶୁପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ।



ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରୀସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାରପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀମାନଙ୍କର




ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହୋଇଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ୍ତ ଭାରତବର୍ଷରେ ୧୦୪ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km2 ଓ ୫୬୬ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km2 ଅଟେ। ସମୟକ୍ରମେ ଏସବୁର



ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏବଂ ୩୨ଟି ହାତୀ ସଂରକ୍ଷଣ ଅଭୟାରଣ୍ୟ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିବାବେଳେ ହାତୀମାନଙ୍କର ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୂରଭଞ୍ଜ (ER), ମହାନଦୀ (ER) ସମ୍ବଲପୁର (ER) ଓ ବଇକା ହାତୀ ଅଭୟାରଣ୍ୟ ରହିଛି। କେନ୍ଦ୍ର ସରକାର ବନ୍ୟଜନ୍ତୁମାନଙ୍କ ସୁରକ୍ଷା ପାଇଁ The Indian Board For Wild-life ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟବର୍ତ୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁରଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗା ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସ କରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ (ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟପ୍ରଦେଶ, ଓଡ଼ିଶା, ଉତ୍ତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଅଜଗର ସାପ ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ୍ତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡ଼ିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲ୍ଡ ଲାଇଫ୍ ଆକ୍‌ସନ ପ୍ଲାନ୍' ସୁଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନଗତ ପଦକ୍ଷେପ, ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତ୍ତବ୍ୟପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇପାରିବ।

*"ମିଳିମିଶି କଲେ ପ୍ରାଣୀ ସୁରକ୍ଷା*
*ମନୁଷ୍ୟ ସମାଜ ହୋଇବ ରକ୍ଷା।"*

**—ଅକ୍ଷୟ କୁମାର ରାଉତ**
ପଙ୍କପାଳ, ବଣିକ୍ରୁଦ, ଜଗତ୍‌ସିଂହପୁର, ମୋ-୯୯୩୭୬୭୯୧୪୭୫

# ରତ୍ନାବଳୀ ଶକ୍ତିପୀଠ, ପଶ୍ଚିମବଙ୍ଗ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ "ରତ୍ନାବଳୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁ ମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲାର ଖାନକୁଲ-କୃଷ୍ଣନଗର ରତ୍ନାକର ନଦୀ କୂଳରେ ଏହି ମନ୍ଦିର ଅବସ୍ଥିତ। ଏହା "ରତ୍ନାବଳୀ ଶକ୍ତିପୀଠ" ଭାବରେ ପରିଚିତ। ତେବେ "ରତ୍ନାବଳୀ ଶକ୍ତିପୀଠ"ର ସଠିକ୍ ସ୍ଥାନକୁ ନେଇ ଏବେ ମଧ୍ୟ ମତଭେଦ ରହିଛି। ଅର୍ଥାତ୍ ଶକ୍ତିପୀଠର ସଠିକ୍ ସ୍ଥାନ ଅଜ୍ଞାତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ




ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା



ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।

"ରତ୍ନାବଳୀ ଶକ୍ତିପୀଠ"ରେ ମାତା ସତୀଙ୍କର ଡ଼ାହାଣ କାନ୍ଧ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'କୁମାରୀ' ରୂପରେ ପୂଜା କରାଯାଏ ଏବଂ ଭଗବାନ ଶିବଙ୍କୁ 'ଭୈରବ'



ରୂପରେ ପୂଜା କରାଯାଏ। ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୁମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୁମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ନବରାତ୍ର ସମୟରେ ଏଠାକାର ପରିବେଶ ଖୁବ୍ ଆକର୍ଷକ ଓ ଶକ୍ତିମୟ ହୋଇଯାଏ। ଏହି ସମୟରେ ମନ୍ଦିର ପ୍ରାଙ୍ଗଣରେ ଶକ୍ତିଙ୍କୁ ଆରାଧନା କରାଯାଏ। ଏହି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ମାତାଙ୍କ ଦର୍ଶନ ପାଇଁ ଏକତ୍ରିତ ହୁଅନ୍ତି।

**କେମିତି ଯିବେ:** (୧) ନିକଟସ୍ଥ ରେଳ ଷ୍ଟେସନ୍ ଠାରୁ ମାତ୍ର ୭୩.୬ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। (୨)ନିକଟସ୍ଥ ନେତାଜୀ ସୁବାଶଚନ୍ଦ୍ର ବିମାନ ବନ୍ଦର ଠାରୁ ମାତ୍ର ୭୭.୮ କିମି ଦୂରରେ "ରତ୍ନାବଳୀ ଶକ୍ତିପୀଠ" ଅବସ୍ଥିତ। ପ୍ରତିଦିନ ମନ୍ଦିର ସକାଳ ୫.୩୦ରୁ ଖୋଲାଯାଏ ଓ ରାତି ୧୦ଟାରେ ବନ୍ଦ ହୁଏ।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ଉତ୍କଳମଣି ଗୋପବନ୍ଧୁଙ୍କ ସେବା ଓ ତ୍ୟାଗ ଅତୁଳନୀୟ

ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ତଥା ଓଡିଶା ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସେବା ଓ ତ୍ୟାଗ ଅତୁଳନୀୟ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ଗତ ୯ ତାରିଖରେ ପଣ୍ଡିତଜୀଙ୍କ ଜନ୍ମଜୟନ୍ତୀ ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସର ଉପସଭାପତି ଯଜ୍ଞେଶ୍ୱର ବାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ସ୍ଥାନୀୟ ଗୋପବନ୍ଧୁପାଲ୍ଲୀଠାରେ ଅବସ୍ଥିତ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବାବୁ ଯୋଗଦେଇ ପଣ୍ଡିତଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ । ଶ୍ରୀ ବାବୁ ତାଙ୍କ ବକ୍ତବ୍ୟରେ ଗୋପବନ୍ଧୁ ଦାସ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରି ତାଙ୍କ ସେବା ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ । ତାଙ୍କ ସେବା, ତ୍ୟାଗ ଓ ସଂଘର୍ଷର କାହାଣୀକୁ ଅନୁଶୀଳନ କଲେ ସେ ଉତ୍କଳମଣି କାହିଁକି ଭାରତମଣି ପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଥିଲେ । ତେଣୁ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କଂଗ୍ରେସ କର୍ମୀମାନେ ନିଷ୍ଠାର ସହିତ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କଲେ ସେମାନଙ୍କ ନେତୃତ୍ୱ ବିକଶିତ ହେବା ସହିତ କଂଗ୍ରେସକୁ ସାଧାରଣ ଲୋକଙ୍କ ଆସ୍ଥାଭାଜନ କରାଇପାରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, ସବୀର ହୁସେନ ଓ ରବି ରାୟ, ଜିଲ୍ଲା କଂଗ୍ରେସର ମୁଖପାତ୍ର ଆର୍‌ପି ସିଂହ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ ସଭାପତି ସୁନୀଲ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ରୁକସାନା ବେଗନ, ଦିଲ୍ଲୀପ ଜେନା, ଗୀତା ସିଂହ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ରେହେମାନ ଖାନ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ସେକ ସମୀର, ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ରହି ପଣ୍ଡିତଜୀଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିଥିବା ବେଳେ ଉପସଭାପତି କୀର୍ତ୍ତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଶ୍ୟାମସୁନ୍ଦର ସାମନ୍ତ, ବିବେକ ସାହୁ, ପ୍ରଦୀପ ବେହେରା, ଧର୍ମେନ୍ଦ୍ର ସିଂହ, ଓବିସି ଅଧକ୍ଷ ତ୍ରୈଲୋଚନ ସାହୁ, ଇନ୍‌ଟକ ଅଧକ୍ଷ ନିହାର ଦାସ, ବିପିନ ଠାକୁର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ପୁରୁଣା ଗଳିପୋଲ କାନ୍ଥ ଭାଙ୍ଗୁନି ଠିକାସଂସ୍ଥା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାର ପୁରୁଣା ଗଳିପୋଲ କାନ୍ଥକୁ ଭାଙ୍ଗି ପାରୁନି ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା । ଫ୍ଲାଇ ଓଭର ସରିବାକୁ ବସିଲାଣି, ହେଲେ ପୁରୁଣା କାନ୍ଥ କେବେ ଭଙ୍ଗା ହେବ ଏହାର ଉତର କାହା ପାଖରୁ ମିଳୁନି । ତେବେ ଉକ୍ତ କାନ୍ଥ ଅତ୍ୟନ୍ତ ମଜବୁତ ହୋଇଥିବାରୁ ଠିକାସଂସ୍ଥା ଏହାକୁ କୁଆଡ଼େ ଭାଙ୍ଗି ପାରିଲା ନାହିଁ । ଏପରିକି ଏହା ଭଙ୍ଗାଯିବନାହିଁ ବୋଲି ନିଷ୍ପତି ହୋଇଥିବା ଚର୍ଚ୍ଚା ହେଉଛି । ନୂଆ କାନ୍ଥ ପାଖରେ ଅନ୍ୟ ଏକ ପୁରୁଣା ଭଙ୍ଗା କାନ୍ଥ ଥିବାରୁ ଏହା ଅସୁନ୍ଦର ଦେଖାଯାଉଛି । କାମ ସଂପୂର୍ଣ୍ଣ ହେବା ପୂର୍ବରୁ ପୁରୁଣା କାନ୍ଥକୁ ଭାଙ୍ଗିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏପଟେ ତିନିବର୍ଷ ହେଲା ଜାରକା ବଜାର ଅଞ୍ଚଳରେ ନା' ସରି ପାରୁଛି ଜାତୀୟ ରାଜପଥ ସଂପ୍ରସାରଣ, ନା' ଶେଷ ହେଉଛି ଫ୍ଲାଇ ଓଭର ନିର୍ମାଣ! ସେହିପରି ନିକଟରେ ଅନ୍ୟ ଏକ ଗଳିପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ହୋଇ ପଡ଼ିଛି । ଏହା ଖୋଲାଗଲେ ଅଞ୍ଚଳବାସୀ ଓ ବ୍ୟବସାୟୀମାନଙ୍କ ଯାତାୟାତରେ ସୁବିଧା ହେବା ସହିତ ବ୍ୟବସାୟ ବୃଦ୍ଧି ହୋଇପାରନ୍ତା ବୋଲି କୁହାଯାଉଛି । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ମୁଖ୍ୟ ରାସ୍ତା ବଦଳରେ ଦୁଇବର୍ଷ ହେଲା ଆପ୍ରୋଚ୍ ରୋଡ୍‌ରେ ଗାଡିମୋଟର ଚଳପ୍ରଚଳ କରୁଛି । ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ। ସ୍କୁଲ୍, କଲେଜ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜପଥ ପାର ହେବା ବଡ଼ ସମସ୍ୟା ସୃଷ୍ଟି କରିଛି । ନିର୍ମାଣାଧୀନ ଫ୍ଲାଇ ଓଭର ନିକଟରେ ଠିକାସଂସ୍ଥା କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ମଧ୍ୟ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି । ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍‌ଠାରୁ ରଥିଆ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ମୃତ୍ୟୁଯନ୍ତା ପାଲଟିଛି । ସେହିପରି ଅଣଚଉଡ଼ା ଆପ୍ରୋଚ୍ ରୋଡ୍ ଏବେ ବସଷ୍ଟାଣ୍ଡ ପାଲଟିଛି । ଦୁଇ ଲାଇନ୍‌ରେ ଗାଡ଼ି ଚାଲିଥିବାରୁ ଅପେକ୍ଷାରତ ବସ୍‌ଯାତ୍ରୀମାନଙ୍କୁ ଠିଆ ହେବାପାଇଁ ଜାଗା ଟିକେ ମିଳୁନାହିଁ । ଯାତ୍ରୀ ନେବା ପାଇଁ କିମ୍ବା ଓହ୍ଲାଇବା ପାଇଁ ବସ୍‌ଟିଏ ରାସ୍ତା ଉପରେ କିଛିକ୍ଷଣ ଛିଡ଼ା ହୋଇଗଲେ ସାଙ୍ଗେ ସାଙ୍ଗେ ପଛକୁ ପଛ ଗାଡିମୋଟରର ଲମ୍ବା ଲାଇନ୍ ଲାଗିଯାଉଛି। ଅସଂଖ୍ୟ ଗାଡିମୋଟର ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । କେଉଁଠି ବସ୍‌ଷ୍ଟାଣ୍ଡ ହେବ ତାହା ମଧ୍ୟ ନିଷ୍ପତି ହୋଇପାରିନାହିଁ । ବିଶ୍ରାମାଗାର କିମ୍ବା ପରିସ୍ରାଗାର ନଥିବାରୁ ମହିଳା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ରାଜପଥ ନିର୍ମାଣ ଓ ଜାରକା ଫ୍ଲାଇ ଓଭର କେବେ ସରିବ ଏବଂ ଏମିତି ବିପଦରେ ଲୋକେ କେତେଦିନ ଯାତାୟାତ କରୁଥିବେ, ଏହାକୁ ନେଇ ଅଞ୍ଚଳବାସୀ ସନ୍ଦିହାନ ଅଛନ୍ତି । ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୧୫**

# ଆପକୁ ଜାତୀୟ ମାନ୍ୟତା


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜାତୀୟ ରାଜଧାନୀ ଦିଲ୍ଲୀରେ କ୍ରମାଗତ ତୃତୀୟ ଥର ଏବଂ ପଞ୍ଜାବରେ ପ୍ରଥମଥର ପାଇଁ କ୍ଷମତା ଦଖଲ ସହ ଗୋଆ ଓ ଗୁଜରାଟରେ ଭୋଟ ହାର ବୃଦ୍ଧି ଯୋଗୁଁ ଶେଷରେ ଭାରତର ନିର୍ବାଚନ କମିଶନ ଆମ ଆଦମୀ ପାର୍ଟି(ଏଏପି)କୁ ଜାତୀୟ ଦଳର ମାନ୍ୟତା ପ୍ରଦାନ କରିବା କେବଳ ଦଳର ଲୋକପ୍ରିୟତା ବୃଦ୍ଧି ସଂକେତ ପ୍ରଦାନ କରିନାହିଁ। ନୀତି ଓ ଆଦର୍ଶ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧିକୁ ପ୍ରମାଣିତ କରିଛି ବୋଲି କୁହାଯାଇପାରିବ। କେନ୍ଦ୍ରରେ କ୍ଷମତାସୀନ ବିଜେପିର ଦୁର୍ଗ ଭାବେ ପରିଚିତ ଦିଲ୍ଲୀରେ କ୍ରମାଗତ ତୃତୀୟ ଥର ଲାଗି ଆପ୍ ଧରାଶାୟୀ କରିଛି। କେବଳ ଧରାଶାୟୀ କରିନାହିଁ, ଦୁଇ ଜାତୀୟ ଦଳ ବିଜେପି ଓ କଂଗ୍ରେସ ପାଇଁ ବିପର୍ଯ୍ୟାୟ ଆଣି ଦେଇଥିଲା। ଦିଲ୍ଲୀରେ ଆପର ଝାଡୁ ମାଡରେ ବିଜେପି ମୂଳୋପୋଛ ହୋଇଯାଇଥିବା ବେଳେ ପଂଜାବରେ କଂଗ୍ରେସ ମଧ୍ୟ ଶୋଚନୀୟ ଭାବେ ପରାଜିତ ହୋଇଛି। ସେହିପରି ଗୋଆ ଓ ଗୁଜରାଟରେ ଆପ୍ ନିଜର ଭୋଟ ହାର ବଢାଇ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି। ଆହୁରି ମଧ୍ୟ କଂଗ୍ରେସ ଦୁର୍ବଳ ହୋଇପଡିଥିବା ରାଜ୍ୟରେ ଆପ ଏକ ବିକଳ୍ପ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଆପ ଏବେ ଦେଶର ୬ଷ୍ଠ ଜାତୀୟ ଦଳର ମାନ୍ୟତା ହାସଲ କରିପାରିଛି। କହିବା ବାହୁଲ୍ୟ ଯେ, ୟୁପିଏ ସରକାରଙ୍କ ଅମଳରେ ଏକ ଦୁର୍ନୀତିଳ ଭ୍ରଷ୍ଟାଚାର ବିରୋଧ ଆନ୍ଦୋଳନରୁ ଅରବିନ୍ଦ କେଜିଓ୍ୱାଲାଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ଏକ ରାଜନୈତିକ ଦଳ ଭାବେ ଜନ୍ମ ନେଇଥିଲା । ଦଳ ଗଠିତ ହେବାର କିଛି ମାସ ପରେ ଜାତୀୟ ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଉଭୟ କଂଗ୍ରେସ ଓ ବିଜେପିକୁ ପଛରେ ପକାଇ ଏକ ବୃହତ ଦଳ ଭାବେ ସରକାର ଗଠନ କରିଥିଲା। ମାତ୍ର ଆବଶ୍ୟକ ସଂଖ୍ୟାଗରିଷ୍ଠତା ନଥିବାରୁ କେଜିରଓ୍ୱାଲାଙ୍କ ନେତୃତ୍ୱାଧୀନ ୪୯ ଦିନିଆ ସରକାରର ପତନ ଘଟିଥିଲା। ଏହାପରଠାରୁ ଦଳ ଆଉ ପଛକୁ ହଟି ନାହିଁ। ପରବର୍ତୀ ନିର୍ବାଚନରେ ଆପ୍ ଦୁଇ ତୃତୀୟାଂଶରୁ ଅଧିକ ସଂଖ୍ୟା ଗରିଷ୍ଠତା ହାସଲ କରି ଭାରତୀୟ ରାଜନୀତିରେ ନିଜର ଦବଦବା ଜାହିର କରି ସମର୍ଥ ହୋଇଛି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ(ଟିଏମସି) ରାଷ୍ଟ୍ରବାଦୀ କଂଗ୍ରେସ(ଏନସିପି) ଏବଂ ଭାରତୀୟ କମ୍ୟୁନିଟି ପାର୍ଟି (ସିପିଆଇ) ର ଜାତୀୟ ଦଳର ମାନ୍ୟତାକୁ ନିର୍ବାଚନ କମିଶନ ପ୍ରତ୍ୟାହାର କରିନେଇଛନ୍ତି। ଯାହାଫଳରେ ଏହି ତିନି ଦଳର ରାଜନୈତିକ ପତିଆରା ହ୍ରାସ ପାଇବା ସହ ଏବେ କେବଳ ଆଂଚଳିକ ଦଳରେ ସୀମିତ ରହିବା ପାଇଁ ବାଧହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କଂଗ୍ରେସ ପରେ ଦେଶରେ ସିପିଆଇ ଦ୍ୱିତୀୟ ସର୍ବବୃହତ ଜାତୀୟ ଦଳ ଭାବେ ମାନ୍ୟତା ପାଇ ଆସୁଥିଲା। ତେବେ ଗତ କିଛି ଦଶନ୍ଧି ଧରି ସିପିଆଇ ଜନସାଧାରଣଙ୍କ ଆସ୍ଥା ବିଶ୍ୱାସକୁ ହରାଇବା ସହ ନିର୍ବାଚନ ରାଜନୀତିରେ ସଂକୁଚିତ ହୋଇ ଆସିଥିଲା। ଏବେ କେରଳରେ କେବଳ କେରଳର ସିପିଆଇ ସୀମିତ ଥିବାବେଳେ ଅନ୍ୟତମ ଦୁର୍ଗ ପଶ୍ଚିମବଙ୍ଗ ଓ ତ୍ରିପୁରାରେ ନିଜର ସ୍ଥିତି ହରାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୧୯୬୦ ଦଶକରେ ସିପିଆଇର ବିଭାଜନ ଘଟି ସିପିଆଇ(ଏମ) ଜନ୍ମ ନେଇଥିଲା। ପୁର୍ନବାର ସିପିଆଇ ମଧ୍ୟ ବହୁବାର ବିଭାଜନର ସମ୍ମୁଖୀନ ହୋଇଥିବା ବେଳେ ସିପିଏମ ସହ ମେଂଟ କରି କେରଳ ସରକାରରେ ଅଂଶୀଦାର ହୋଇଛି। ଏହା ପୂର୍ବରୁ ପଶ୍ଚିମବଙ୍ଗର ସିପିଏମ ନେତୃତ୍ୱାଧୀନ ବାପପନ୍ଥୀ ମେଂଟ ସରକାରରେ ସିପିଆଇ ମଧ୍ୟ ଦୀର୍ଘ ଦୁଇ ଦଶନ୍ଧି ଧରି କ୍ଷମତାର ଅଂଶୀଦାର ରହିଥିଲା। ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମସି) କେବଳ ପଶ୍ଚିମବଙ୍ଗରେ ସୀମିତ ଥିବାବେଳେ ଏନସିପି ମହାରାଷ୍ଟ୍ରରେ ସୀମିତ ରହିଛି କିନ୍ତୁ ଏହି ଦୁଇ ଦଳଙ୍କ ମଧ୍ୟରେ ଏତିକି ଫରକ ଯେ ପଶ୍ଚିମ ବଙ୍ଗରେ ମମତା ବାନାର୍ଜୀଙ୍କ ଟିଏମସି ସୀମିତି ଥିବାବେଳେ ମହାରାଷ୍ଟ୍ରରେ ଏନସିପି ସୀମିତ ରହିଛି ନିକଟରେ ଅନୁଷ୍ଠିତ ଘଟି ରାଜ୍ୟ ବିଧାନସଭା ନିର୍ବାଚନରେ ଟିଏମସି ନାଗାଲାଣ୍ଡ ଓ ମେଘାଳୟରେ ନିଜର ଉପସ୍ଥିତି ପ୍ରଦର୍ଶନ କରିଥିବା ବେଳେ ଏନସିପି ଯେଉଁ ସଫଳତା ପାଇଛି ତାହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ୯୦ଦଶକରେ କଂଗ୍ରେସରୁ ବାହରି ଆସି ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ ପାର୍ଟି ଗଠନ କରିତିବା ବେଳେ ଶରତ ପାଓ୍ୱାର ରାଷ୍ଟ୍ରବର୍ଗ କଂଗ୍ରେସ ପାର୍ଟି ଏନସିପି ଗଠନ କରିଥିଲେ। ଏବେ ବି ଟିଏମସି କଂଗ୍ରେସ ପ୍ରତି ନିଜର ବିରୋଧାତ୍ମକ ଆଭିମୁଖ୍ୟ ଅପରିବର୍ତିତ ରଖିଥିବାବେଳେ ଟିଏମସି କଂଗ୍ରେସ ସହ ମେଂଟ କରି ଉଭୟ କେନ୍ଦ୍ର ଓ କେତକ ରାଜ୍ୟରେ କ୍ଷମତାର ଅଂଶୀଦାର ହୋଇଥିଲା। ଏହା ନିଶ୍ଚିତ ଯେ ଆପ୍‌ର ଅଭ୍ୟୁଦୟ ଭାରତୀୟ ରାଜନୀତିରେ ଉଭୟ ବିଜେପି ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯


# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ


ଅଲେଖ ଚନ୍ଦ୍ର ସାମଲ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଜଣେ ପ୍ରଜାବତ୍ସଳ, ପରୋପକାରୀ ଓ ସ୍ୱଦେଶପ୍ରେମୀ ଶାସକ ଥିଲେ। ମୟୂରଭଞ୍ଜର ରାଜା ଥିଲେ ହେଁ ନିଜର ଅସାଧାରଣ ପ୍ରତିଭା ଓ ପ୍ରଚେଷ୍ଟା ବଳରେ ଓଡ଼ିଶାର ରାଜନୀତିକ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରକୁ ପ୍ରଭାବିତ କରିପାରିଥିଲେ। ଓଡ଼ିଆ ଜାତି ଓ ଭାଷା ପ୍ରତି ତାଙ୍କର ଗଭୀର ମମତା ଥିଲା। ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ୧୯୦୩ ଡିସେମ୍ବର ୩୦ ତାରିଖରେ ଏହି ଐତିହାସିକ ସଭା କଟକରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ମୟୂରଭଞ୍ଜ ରାଜବଂଶର ଏକ କୀର୍ତ୍ତି। କଳା-ସାହିତ୍ୟ-ସାଂସ୍କୃତିକ-ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାରେ ସେ ମନ ଦେଇଥିଲେ। କଟକରେ ଉତ୍କଳ ସାହିତ୍ୟ ସମାଜର ସ୍ଥାୟୀ ସଭାଗୃହ ତାଙ୍କର ଅବଦାନ। ଶ୍ରୀରାମଚନ୍ଦ୍ର ଥିଲେ ସାହିତ୍ୟାନୁରାଗୀ ଓ କଳାପ୍ରେମୀ। ତାଙ୍କ ପୃଷ୍ଠପୋଷକତାରେ ବାରିପଦାରୁ ଉତ୍କଳ ପ୍ରଭା ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ସେ ଛଉ ନୃତ୍ୟ ବିଶାରଦ ଥିଲେ। ରାଜକୋଷରୁ ବିପୁଳ ଅର୍ଥ ବ୍ୟୟକରି ମୟୂରଭଞ୍ଜ ଛଉ ନୃତ୍ୟର ଅଭିବୃଦ୍ଧି ଘଟାଇଥିଲେ। ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର ଆଗ୍ରହ ନଥିଲା। ରାଜପ୍ରାସାଦର ଏକ ସାଧାରଣ କୋଠରିରେ ରହୁଥିଲେ। ନିରାମିଷାଶୀ ଥିଲେ ଓ ମଦ୍ୟପାନ କରୁନଥିଲେ। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଓଡ଼ିଶାର ଆଦର୍ଶ ରାଜ୍ୟରେ ପରିଣତ ହୋଇଥିଲା। ଶ୍ରୀରାମଚନ୍ଦ୍ର ଥିଲେ ଶିକାର ପ୍ରିୟ ଏହି ଶିକାର ଯୋଗୁଁ ହିଁ ତାଙ୍କର ପ୍ରାଣ ଯାଇଥିଲା। ରୂପସୀ ବାରିପଦା ରେଳପଥର ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ରେଳବାଇର କିଛି ଉଚ୍ଚ କର୍ମକର୍ତ୍ତା ପରିଦର୍ଶନରେ ଆସି ମହାରାଜାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ରାତିରେ ସେମାନଙ୍କୁ ଧରି ମହାରାଜା ଶିକାରକୁ ଯାଇଥିଲେ। ଗୋଟିଏ ମଞ୍ଚରେ ମହାରାଜା ଥିବା ବେଳେ ଅନ୍ୟ ମଞ୍ଚରେ ଥିଲେ ଅନ୍ୟ ଶିକାରୀମାନେ। ଦୁଇଟି ଭାଲୁ, ସେହି ସ୍ଥାନରୁ ଆସି ଗୁଳି ଖାଇଲେ। ଗୋଟିଏ ଟଳି ପଡ଼ିଲା ଏବଂ ଅନ୍ୟଟି ଆହତ ଅବସ୍ଥାରେ ଜଙ୍ଗଲ ଭିତରକୁ ପଳାଇଲା। ମହାରାଜା ମଞ୍ଚରୁ ତଳକୁ ଓହ୍ଲାଇଲେ। ସେ ପିନ୍ଧିଥିଲେ କଳା ପୋଷାକ। ଅନ୍ଧକାରରେ ତାଙ୍କୁ ଭାଲୁ ଭାବି ଅନ୍ୟ ମଞ୍ଚର ଶିକାରୀମାନେ ଗୁଳି କଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ସତ୍ତ୍ୱେ ୧୯୧୨ ଫେବୃଆରୀ ୨୨ ତାରିଖ ଦିନ ମାତ୍ର ବୟାଳିଶ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

ପୂର୍ବତନ ଡିଏଫଓ (କେନ୍ଦୁଲିଫ) ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୬୭୧୨୩

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ


ସମ୍ବିତ କୁମାର ସ୍ୱାଇଁ

ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି – 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୁକ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି – ''ଅବନ୍ଧୁ ଜୀବନ ଅସୁର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।'' ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମ ଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ୍ୟ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିମିତ୍ତ। ତାଙ୍କ ଗୃହସ୍ଥ ଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ନିଗ୍ଧା, ନାତୁଣୀ ବ୍ରିଟିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହାସ ପ୍ରଦାନ କରୁଛନ୍ତି। ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରପୋକାର ଓ ମମତାର ବନ୍ଧୁବତ୍ସଳତା ପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା'ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଲେଷଣ ଏବଂ ତାଙ୍କର ସୀମିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ। ଜୀବନ ଭିତରେ ଯେଉଁ ଯଶ ଓ କୀର୍ତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

*ପ୍ଲଟ ନଂ-୭ଜିଏଚ/୧୩୫୩, ଡି-୧୮,
ସେକ୍ଟର-୯, ସିଡିଏ , କଟକ, ଦୂରଭାଷ :
୯୦୪୦୬୬୧୬୩୦ /
୭୦୦୮୨୨୬୨୧୩*

# ହାଇକୋର୍ଟରେ ଫଇସଲା ହାର ୧୩୩%


ସୌର ଚନ୍ଦ୍ର ମହାପାତ୍ର

ସାଧାରଣ ଲୋକଙ୍କ ପାଇଁ ଥିଲା ଅପହଞ୍ଚ, ଅଭେଦ୍ୟ। ଦଣ୍ଡବିଧିର ଭୟ ରହିଥିଲା ମନରେ। ବିଚାର ପ୍ରକ୍ରିୟା ଥିଲା ଲୋକଙ୍କ ପାଇଁ ଦୁର୍ବୋଧ ଓ ଅଜ୍ଞାତ। ଏବେ ସବୁ କିଛି ମୁକ୍ତ ଓ ସହଜ ହେବାରେ ଲାଗିଛି। ନାଲିକୋଠା ଭୟ, ଆଶଙ୍କା କି ଉଦବେଗର ଜାଗା ନୁହେଁ ଏଭଳି ବିଶ୍ୱାସ ତିଆରି ହେଉଛି ସାଧାରଣ ଲୋକଙ୍କ ମନରେ। କଟକଣାର କବାଟ ନିଜ ଆଡୁ ଖୋଲି ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ନ୍ୟାୟିକ ବ୍ୟବସ୍ଥାକୁ ସହଜ, ସରଳ ଓ ସଂପ୍ରସାରିତ କରାଯାଉଛି ସବୁଠାରୁ ଦୁର୍ବଳ ଲୋକଟି ପାଖରେ ପହଞ୍ଚିବା ପାଇଁ। ପିଲାମାନେ ବୁଲି ଦେଖୁଛନ୍ତି ହାଇକୋର୍ଟ। ଯାଉଛନ୍ତି ବିଚାରପତିଙ୍କ କକ୍ଷକୁ। ଜାଣୁଛନ୍ତି ନ୍ୟାୟ ପ୍ରକ୍ରିୟାକୁ। ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରୟୋଗ ଫଳରେ ଆଜି ପ୍ରତି ଜିଲ୍ଲା ଯୋଡ଼ି ହେଉଛି ହାଇକୋର୍ଟଙ୍କ ସହ। ତ୍ୱରିତ ଶୁଣାଣି ହୋଇ ଫଇସଲା ହେଉଛି ମାମଲା। ଜେଲରେ ଶଢୁଥିବା କଏଦୀଙ୍କ ପାଇଁ ମୁକ୍ତିର ବାଟ ପ୍ରଶସ୍ତ ହେଉଛି। ୨୦୨୨ରେ ହାଇକୋର୍ଟଙ୍କ ଏକ ଉଦାର ପରିବର୍ତ୍ତିତ ରୂପ ମୁଗ୍ଧ କରିଛନ୍ତି ସମସ୍ତଙ୍କୁ। ଆହୁରି ଆଶ୍ୱସ୍ତ ହୋଇଛନ୍ତି ନିର୍ଯାତିତ, ନିଷ୍ପେସିତ ଲୋକ। ଏଇ ଭରସାରେ ଯେ ସେମାନଙ୍କ ପାଇଁ କେହି ଅଛି। ରାଜ୍ୟ ବିଚାର ବ୍ୟବସ୍ଥା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନୂଆ ରେକର୍ଡ କରିବାରେ ଲାଗିଛି। ଭିତ୍ତିଭୂମି ଓ ଶୁଣାଣି ବ୍ୟବସ୍ଥାରେ ଗତିଶୀଳତା କାରଣରୁ କେବଳ ହାଇକୋର୍ଟ ନୁହେଁ, ଜିଲ୍ଲାଜଜ କୋର୍ଟ ଠାରୁ ଆରମ୍ଭ କରି ଫାଷ୍ଟଟ୍ରାକ କୋର୍ଟ ସବୁଠି ମାମଲା ଫଇସଲା କ୍ଷେତ୍ରରେ ରେକର୍ଡ଼ ସଫଳତା ମିଳିଛି। ଗତବର୍ଷ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି ଓଡ଼ିଶା ହାଇକୋର୍ଟରେ। ଏଥର ହାଇକୋର୍ଟରେ ରେକର୍ଡ଼ ୧୩୩ ପ୍ରତିଶତ ମାମଲାର ଫଇସଲା ହୋଇଛି। ଅର୍ଥାତ୍ ଗତବର୍ଷ ଯେତିକି ମାମଲା ରୁଜୁ ହୋଇଛି ତା'ଠାରୁ ଯଥେଷ୍ଟ ଅଧିକ ମାମଲାର ସମାଧାନ ହୋଇଛି। ପୂର୍ବବର୍ଷ ଅପେକ୍ଷା ଗତବର୍ଷ ଜିଲ୍ଲା କୋର୍ଟରେ ମାମଲା ସମାଧାନ ହାର ୫୩% ଅଧିକ ରହିଥିବାବେଳେ ତ୍ୱରିତ ମାମଲା ଶୁଣାଣି କ୍ଷେତ୍ରରେ ଫାଷ୍ଟଟ୍ରାକ କୋର୍ଟ ମାମଲା ସଫଳତା ହାସଲ କରିଛି। ହାଇକୋର୍ଟଙ୍କ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁସାରେ, ମାମଲା ସମାଧାନ କ୍ଷେତ୍ରରେ ଗତବର୍ଷ ଏହି ଅଦାଲତ ସର୍ବକାଳୀନ ରେକର୍ଡ଼ ସୃଷ୍ଟି କରିଛି। ୨୦୧୮ରେ ୬୨ ହଜାର ୫୬୬ଟି ମାମଲା ରୁଜୁ ହୋଇଥିଲା ଓ ୬୩ ହଜାର ୨୩୬ଟି ମାମଲା ସମାଧାନ ହୋଇଥିଲା। ୨୦୧୯ରେ ୮୧ ହଜାର ୧୨୧ଟି ମାମଲା ରୁଜୁ , ୯୩ ହଜାର ୨୨୪ଟି ମାମଲାର ସମାଧାନ, ୨୦୨୦ରେ ୮୩ ହଜାର ୪୯୯ଟି ମାମଲା ରୁଜୁ, ୬୧ ହଜାର ୩୩୫ଟି ମମଲା ସମାଧାନ ହୋଇଥିଲା। ତେବେ ୨୦୨୧ରେ କରୋନା ସତ୍ତ୍ୱେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶୁଣାଣି, ଇ-ଫାଇଲିଂ ଆଦି ବ୍ୟବସ୍ଥା କାରଣରୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାମଲା ଶୁଣାଣି ତ୍ୱରାନ୍ୱିତ ହୋଇଥିଲା। ୨୦୨୧ରେ ହାଇକୋର୍ଟରେ ଲକ୍ଷ ୨୮ ହଜାର ୭୮୬ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୫ହଜାର ୧୮୨ଟି ମାମଲାର ସମାଧାନ ହୋଇଥିଲା। କିନ୍ତୁ ଗତବର୍ଷ ଏହି ରେକର୍ଡ଼ ବି ଭାଙ୍ଗିଯାଇଛି। ଚଳିତ ବର୍ଷ ଶୀତ ଅବକାଶ ଭିତରେ ହାଇକୋର୍ଟରେ ୧ ଲକ୍ଷ ୨ ହଜାର ୨୪୭ଟି ମାମଲା ରୁଜୁ ହୋଇଥିଲାବେଳେ ୧ଲକ୍ଷ ୩୬ ହଜାର ୫୯୯ଟି ମାମଲାର ଫଇସଲା ହୋଇପାରିଛି। ରାଜ୍ୟର ବିଭିନ୍ନ ଜିଲ୍ଲା ଜଜକୋର୍ଟରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୫୩.୨୮% ଅଧିକ ମାମଲା ସମାଧାନ ହୋଇଛି। ୨୦୨୧ରେ ଅନୁମୋଦିତ ବିଚାରପତିଙ୍କ ସ୍ଥାନ ୯୬୨ ଥିଲାବେଳେ ସେହି ସ୍ଥାନରେ ୭୬୬ଜଣ କାର୍ଯ୍ୟ କରୁଥିଲେ। ସେହିପରି ୨୦୨୨ରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୯୭୭ ଥିଲାବେଳେ ଏହି ସ୍ଥାନରେ ୭୭୬ଜଣ କାର୍ଯ୍ୟ କରୁଛନ୍ତି। ୨୦୨୧ରେ ଜଣେ ବିଚାରପତି ମୁଣ୍ଡ ପିଛା ୩୧୧ଟି ମାମଲାର ଫଇସଲା କରୁଥିବାବେଳେ ୨୦୨୨ରେ ତାହା ୫୭୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ବଳାତ୍କାର ଏବଂ ପୋକସୋ ମାମଲା ଗୁଡ଼ିକର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯାଇଥାଏ। ଗତବର୍ଷ ଜାନୁଆରୀ ଗତ ୨୬ ତାରିଖ ମଧ୍ୟରେ ଏହିସବୁ କୋର୍ଟରେ ୧୦୪୨ଟି ବଳାତ୍କାର ମାମଲା ରୁଜୁ କରାଯାଇଛି। ସେଥିରୁ ୧୨୫ଟି ମାମଲାର ସମାଧାନ କରାଯାଇଛି। ପୋକସୋ ଆଇନ ଅଧୀନରେ ବିଚାର ବ୍ୟବସ୍ଥା ପାଇଁ ୮ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରାଯାଇଛି। ଭୁବନେଶ୍ୱରରେ ଗୋଟେ ପରିବାର ଅଦାଲତ ପ୍ରତିଷ୍ଠା ଓ ୨ଟି ମହିଳା କୋର୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଓଡ଼ିଶାରେ ବିଚାର ବ୍ୟବସ୍ଥା ଅତ୍ୟନ୍ତ ଗତିଶୀଳ ଓ ସୁଦୃଢ଼ ହେବା ସହ ଜନାଭିମୁଖୀ ହୋଇ ଲୋକଙ୍କ ବିଶ୍ୱାସଭାଜନ ହେଉଛି ଓ ଲୋକମାନଙ୍କର ଆଇନ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ ବଢ଼ିଛି।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ

# ଉତ୍କଳର ବରପୁତ୍ର : ବିଜୁବାବୁ


ଅକ୍ଷୟ କୁମାର ରାଉତ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା । ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ । ୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ । ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ । ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉତ୍ତୋଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।

କଟକ ରେଭେନ୍ସା କଲେଜରେ ଓ୍ୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି । ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉରକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି । ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରଭୂତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା । ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯଗୁକୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଇବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡ଼ା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ତୋଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ – ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ – ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡର ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି । ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର
ମୋ – ୯୯୩୭୬୯୧୪୭୫*



# କୃଷି ଦୁନିଆ

## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା,



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ୱ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ବିନା ମାଟିରେ ଚାଷ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ଓ୍ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ





ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଡିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚୟନ**

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘରର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଷ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରୋମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିରୁଦ୍ଧରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା (ପିଏନ୍): ସ୍ଥାନୀୟ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଅସାମାଜିକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ଅବୈଧ ମଦ, ଗଞ୍ଜେ, ସଟ୍ଟା, ଜୁଆ ଓ ଡ୍ରଗ୍ସ କାରବାର ଇତ୍ୟାଦି ଅବାଧରେ ଚାଲୁଥିବା ବେଳେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଗୋପବନ୍ଧୁପାଲ୍ଲୀ ଅବସ୍ଥିତ ପୋଲିସ୍ ଫାଣ୍ଡି ଅଧିକାରୀ ଏସବୁର ନୀରବ ଦର୍ଶକ ସାଜିଛନ୍ତି । ଅପରପକ୍ଷରେ ପାରସ୍ପରିକ ଗଣ୍ଡଗୋଳ, ଝଗଡାଝାଟି ମାମଲାରେ ଫାଣ୍ଡି ଅଧିକାରୀ ପକ୍ଷପାତ କରିବା ସହିତ ମନ୍ଦ ଉଦ୍ଦେଶ୍ୟ ରଖି ଲୋକଙ୍କୁ ହଇରାଣ ହରକତ କରୁଛନ୍ତି । ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଇବା ସହିତ ପୋଲିସ୍ ପ୍ରତି ସାଧାରଣ ଲୋକଙ୍କର ଅନାସ୍ଥା ଭାବ ସୃଷ୍ଟି ହୋଇଛି । ତେଣୁ ଏହାର ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ତରଫରୁ ଗୋପବନ୍ଧୁପାଲ୍ଲୀ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦିଆଯାଇ ସଂଲଗ୍ନ ପୋଲିସ୍ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାକୁ ଉପସଭାପତି ଦେବବ୍ରତ ବିହାରୀ ସଞ୍ଚାଳନ କରିଥିବା ବେଳେ ରାଉରକେଲା ବିଧାନସଭା କ୍ଷେତ୍ର ପ୍ରାକ୍ତନ କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତି, ପିସିସି ସମ୍ପାଦକ ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା ସଭାନେତ୍ରୀ ନିରୁପମା ବଳିୟାରସିଂହ, ପିସିସି ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଯୁବନେତା ଶେଖ ସମୀର ପ୍ରମୁଖ ବକ୍ତବ୍ୟ ରଖି ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଚାଲିଥିବା ସମସ୍ତ ଅବୈଧ କାରବାରକୁ ଫାଣ୍ଡି ଅଧିକାରୀ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏ ପ୍ରକାର ଜନବିରୋଧି କାର୍ଯ୍ୟରୁ ଫାଣ୍ଡି ଅଧିକାରୀ ନିବୃତ୍ତ ରହିବା ସହିତ ପୋଲିସ୍‌ର ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଫାଣ୍ଡି ଅଧିକାରୀଙ୍କ ଏପରି କାର୍ଯ୍ୟ ଦ୍ୱାରା ଜିଲ୍ଲା ପୋଲିସ୍ ବଦନାମ ହେଉଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ କାର୍ଯ୍ୟକଳାପର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବକ୍ତାମାନେ ଦାବି କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ତିର୍କୀ ବକ୍ତବ୍ୟ ରଖି ଜିଲ୍ଲା ପୋଲିସ୍ ଅଧୀକ୍ଷକ, ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ଭଲ କାମ କରୁଥିବା ବେଳେ ଗୋପବନ୍ଧୁପାଲ୍ଲୀ ଫାଣ୍ଡି ଅଧିକାରୀ କୁକାର୍ଯ୍ୟରେ ଲିପ୍ତରହି ସେମାନଙ୍କ ସୁନାମକୁ ଖରାପ କରୁଛନ୍ତି ବୋଲି କହିଥିଲେ । ତେଣୁ ଆସନ୍ତା ୭ ଦିନ ମଧ୍ୟରେ ଏପରି ଜଣେ ଭ୍ରଷ୍ଟ ଅଧିକାରୀଙ୍କୁ ଉକ୍ତ ପୋଲିସ୍ ଫାଣ୍ଡିରୁ ଅପସାରଣ କରିବା ପାଇଁ ଶ୍ରୀ ତିର୍କୀ ଦାବି କରି ଅନ୍ୟଥା ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଉମେଶ ଶରଣ, କାର୍ତ୍ତିକ ଦାସ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ସାଧାରଣ ସମ୍ପାଦକ ତୁଳସୀ ନାଗ, ସମ୍ପାଦକ ଅମ୍ରିତ କୌର, ସରିତା ଟେପ୍ପୋ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ସୋନୁ ସାହୁ, ସାକିର ହୁସେନ, ଶ୍ୟାମ ସୁନ୍ଦର ସାମ', କ୍ରିଷ୍ଣା ମୂର୍ତ୍ତି, ବିକି ରଜାକ, ପପୁ ଖାନ, ବିବେକ ସାହୁ, ନିର୍ମଳା ମହାପାତ୍ର, ରାଜୁ ପ୍ରସାଦ, ମୁ ପ୍ରସାଦ, ଡେଭିଡ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ, ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଚମ୍ପୁଆ ବିଧାୟିକାଙ୍କ ଦ୍ୱାରା ଲୋକାର୍ପିତ ହେଲା ଡିସ୍‌ପେନ୍‌ସେରି



ଯୋଡା (ପିଏନ୍)-କେନ୍ଦୁଝର ଜିଲ୍ଲାର ଦେଓଝର ପଞ୍ଚାୟତର ବାସିନ୍ଦାଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍‌ର ସିଏସ୍‌ଆର୍ ଶାଖା ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ପଞ୍ଚାୟତ ବାସିନ୍ଦାଙ୍କ ପାଇଁ ଏକ ଡିସ୍‌ପେନ୍‌ସେରିକୁ ଉତ୍ସର୍ଗ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍‌ର ମହାପ୍ରବନ୍ଧକ (ଓଏମ୍‌କ୍ୟୁ) ଶ୍ରୀଯୁକ୍ତ ଅତୁଲ ଭଟ୍ଟନାଗର, ଯୋଡ଼ାରେ ଥିବା ଟାଟା ଷ୍ଟିଲ୍ ହସ୍ପିଟାଲ୍‌ର ଚିଫ୍ ମେଡିକାଲ୍ ଅଫିସର ଡକ୍ଟର ସୁଚିସ୍ମିତା ଦାସ ଓ ଟାଟା ଷ୍ଟିଲ୍‌ର ମୁଖ୍ୟ ସିଏସ୍‌ଆର୍ (ଓଏମ୍‌କ୍ୟୁ ଡିଭିଜନ୍) ଶ୍ରୀଯୁକ୍ତ ଅନିଲ ଓରାଓଁ,ଦେଓଝର ସରପଂଚ ଶ୍ରୀଯୁକ୍ତ ମଙ୍ଗଳ ମୁଣ୍ଡା, ସମିତି ସଦସ୍ୟ ଶ୍ରୀଯୁକ୍ତ ଯୁଧୀଷ୍ଠିର ପଲେଇ ଉପସ୍ଥିତ ଥିଲେ । ୨,୨୦୦ ବର୍ଗଫୁଟରୁ ଅଧିକ ସ୍ଥାନରେ ନିର୍ମାଣ କରାଯାଇଥିବା ଏହି ଡିସ୍‌ପେନ୍‌ସେରି ଦେଓଝର ପଞ୍ଚାୟତ ଅଧୀନରେ ଥିବା ସାତଟି ଗ୍ରାମ ଯଥା ଦେଓଝର, ମହାଦେବନାସ, କୁଲ୍‌ଦୁମ୍, ଠାକୁରାଣୀ, ସିୟାଳିଯୋଡ଼ା, ଗୋବର୍ଦ୍ଧନପୁର ଓ କିଟାବେଡାରେ ବାସ କରୁଥିବା ପ୍ରାୟ ୬୦୦୦ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରଦାନ କରିବ । ଡାକ୍ତରୀ ପରାମର୍ଶ ବ୍ୟତୀତ ଏହି ଡିସ୍‌ପେନ୍‌ସେରିରେ ରୋଗୀମାନଙ୍କୁ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯିବ । ଏହି ଅବସରରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ବୀର ନାଏକ, ଅବକାରୀ ବିଭାଗର ଅବସରପ୍ରାପ୍ତ ଡେପୁଟି କମିସନର୍ ଶ୍ରୀଯୁକ୍ତ ବେଣୁ ମାଧବ ନାଏକ, ଅଣଶେଇକଳା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ନାଏକ, ସାମାଜିକ କର୍ମୀ ଶ୍ରୀଯୁକ୍ତ ତ୍ରିଲୋଚନ ପଲେଇ ଓ ସମାଜର ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ଅନୁଷ୍ଠାନ ଏସ୍‌ଭିନିରତାରରେ ତଦନ୍ତ ନାଳିଫିତା ତଳେ

ଫୁଲନଖରା (ପିଏନ୍): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅଧିନରେ ପରିଚାଳିତ କଟକ ଜିଲ୍ଲା ଓଲଟପୁର ଠାରେ ଥିବା ସ୍ୱାମୀ ବିବେକାନନ୍ଦ ଜାତିୟ ପୁନଃବାସ ପ୍ରଶିକ୍ଷଣ ଓ ଥଇଥାନ ସଂସ୍ଥା (ଏସ୍‌ଭିନିରତାର)ରେ ଜନୈକ ଅଧିକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ପଦୋନ୍ନତିକୁ ନେଇ ଏକ ବଡଧରଣର ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ସାମାଜିକ କର୍ମୀ ସଂଜୟ କୁମାର ରାଉତରାୟ ସଂପୃକ୍ତ ଫିଜୋଥେରାପି ବିଭାଗ ଅଧିକାରୀଙ୍କ ଚାକିରୀ ଓ ପଦୋନ୍ନତି ସହ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ଜାଣିବା ପାଇଁ ସୂଚନା ଆଧିକାର ଆଇନୀ ବଳରେ ଏସ୍‌ଭିନିରତାର କାର୍ଯ୍ୟାଳୟ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ । ଅଭିଯୋଗ ଅନୁଯାୟୀ ଅଧିକାରୀ ଜଣଙ୍କ ସର୍ଭିସ ଗାଇଡଲାଇନକୁ ଉଲ୍ଲଘଂନ କରି ଚାକିରି ସମୟରେ ସଂପୂର୍ଣ୍ଣ ଦରମା ପାଇ ମଧ ଚାକିରି ଓ ଉଚ୍ଚଶିକ୍ଷା ଏକା ସମୟରେ କରିଥିବା ତଥ୍ୟରୁ ସ୍ପଷ୍ଟ ହୋଇଥିଲା । ଖାଲି ସେତିକି ନୁହେଁ ବାରମ୍ବାର ପାଇଥିବା ପଦୋନ୍ନତିରେ ମଧ ଜାଲିଆତି ହୋଇଛି । ଏ ସଂପର୍କରେ ଜାଣାପଡିବା ପରେ ସାମାଜିକକର୍ମୀ ଶ୍ରୀ ରାଉତରାୟ ୨୭.୨.୨୦୨୦ରେ ବିଭାଗୀୟ ମନ୍ତ୍ରୀ, ସଚିବ, ଯୁଗ୍ମ ସଚିବଙ୍କ ଦିଲ୍ଲୀ କାର୍ଯ୍ୟାଳୟ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ଜଣାଇଥିଲେ, ଯେଉଁଥିରେ କେନ୍ଦ୍ର ଗୃହ ବିଭାଗ ଚିଠି ସଂଖ୍ୟା ୧୮୩୩୧୧୬/ ୨୦୨୦/ସିଆଇସି-ସି (II) ଓ କେନ୍ଦ୍ର ସାମାଜିକ ନ୍ୟାୟ ଓ ଶଶକ୍ତି କରଣ ମନ୍ତ୍ରାଳୟ ଚିଠି ସଂଖ୍ୟା ୭-୧/ ୨୦୨୦/ଏଫସିପିଜି/୪୩୦ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୃହ ମନ୍ତ୍ରାଳୟକୁ ଜଣାଇବା ସହ ଅଭିଯୋଗକାରୀଙ୍କୁ ଜଣାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା । ମାତ୍ର ଘଟଣାର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅଭିଯୋଗ ଦିଲ୍ଲୀ ମନ୍ତ୍ରାଳୟ ସମେତ ପ୍ରଧାନମନ୍ତ୍ରୀଙ୍କୁ ହୋଇଥିଲେ ବି କମିଟି ଗଠନ କରି ତଦନ୍ତକୁ ବର୍ଷେରୁ ଉର୍ଦ୍ଧ୍ୱ ସମୟ ନାଳିଫିତା ତଳେ ଚାପିଦେଇଛନ୍ତି ଉଚ୍ଚ କର୍ତ୍ତୃପକ୍ଷ । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଜାଲିଆତିରେ ଛନ୍ଦି ହୋଇଥିବା ଏପରି ଜଣେ ଅଧିକାରୀଙ୍କୁ କିଏ ଓ କେଉଁ ସ୍ୱାର୍ଥରେ ଘଣ୍ଟ ଘୋଡାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏପରିକି ତାଙ୍କ ସ୍ତ୍ରୀ ଏହାର ସୁଯୋଗ ନେଇ ଅଧିକାରୀଜଣଙ୍କ ବର୍ତମାନ ସ୍ଥାୟୀ ନିର୍ଦ୍ଦେଶକ ହେବାପାଇଁ ଆବେଦନ କରିଥିବା ଚର୍ଚ୍ଚା ଯୋର ଧରିଛି । ଏଭଳି ଜଣେ ଅଧିକାରୀ ନିର୍ଦ୍ଦେଶକ ହେଲେ ଅନୁଷ୍ଠାନ ଦୁର୍ନୀତିରେ ପରିପୂର୍ଣ୍ଣ ହେବା ଅସମ୍ଭବ ନୁହେଁ । ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ବା ମନ୍ତ୍ରାଳୟ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ଘଟଣା ସଂପର୍କରେ ନିର୍ଦ୍ଦେଶକ ଶକ୍ତି ପ୍ରସାଦ ଦାସଙ୍କୁ ପଚାରିବାରୁ ସେ କହିଥିଲେ ଅଭିଯୋଗ ପାଇଲା ପରେ କମିଟି ଗଠନ ହୋଇ ତଦନ୍ତ ହୋଇଛି ଏବଂ ତଦନ୍ତ ରିପୋର୍ଟ ଯାହା ଏବେ ମନ୍ତ୍ରାଳୟ ନିକଟରେ ମହଯୁଦ ରହିଛି, ସେମାନେ ଯାହା ନିଷ୍ପତି ନେବେ ।

# ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ୨୪ତମ ବାର୍ଷିକୋତ୍ସବ ପାଳିତ

ଭୁବନେଶ୍ୱର (ପିଏନ୍): ସାହିତ୍ୟର ଆଭିମୁଖ୍ୟ ଭାଙ୍ଗିବା ନୁହେଁ ଗଢ଼ିବା, ନେବା ନୁହେଁ ଦେବା । ଯଦିଓ ସମ୍ପ୍ରେଷଣର ମାଧ୍ୟମ ଭାଷା ତଥାପି ଆଖିଠାର କିମ୍ବା ଅବୟବର ଯେକୌଣସି ଈଶାରାରେ ଭାବକୁ ବ୍ୟକ୍ତ କରାଯାଇପାରେ । ସମୟ ଆସିଛି ଭାଷାଗତ ସଂକୀର୍ଣ୍ଣତା ଦୂରକରି ଅନୁବାଦ ମାଧ୍ୟମରେ ଭାରତୀୟ ଭାଷାମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ଓଡ଼ିଆ ଭାଷା, ସାହିତ୍ୟକୁ ସର୍ବବ୍ୟାପୀ ଓ ସର୍ବଗ୍ରାହୀ କରିବାକୁ ହେବ ବୋଲି ଭାରତୀୟ ବିଦ୍ୟାଭବନରେ କବି ତଥା ଅନୁବାଦକ ଶ୍ରୀ ନାରାୟଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ୨୪ତମ ବାର୍ଷିକୋତ୍ସବର ଭାଷା, ସାହିତ୍ୟ ଓ ଅନୁବାଦ ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ ଓଡ଼ିଆ ଭାଷା, ସାହିତ୍ୟର ମାଧୂର୍ଯ୍ୟକୁ ଶ୍ରୀବୃଦ୍ଧି କରିବାରେ ରାଜଭାଷା ବିକାଶ ପରିଷଦର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।।

ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ, ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି ଶ୍ରୀ ସୂର୍ଯ୍ୟ ମିଶ୍ର, ପୂଜ୍ୟ ପୂଜା ସଂସ୍କୃତି ଅଭିଯାନର ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, କବି ପିତାମ୍ବର ତରାଇ, କବି ପଞ୍ଚାନନ ସାହୁ ନିଜ ନିଜର ବକ୍ତବ୍ୟରେ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ମୌଳିକତା, ଶବ୍ଦଶକ୍ତି, ଭାଷା-ଶୈଳୀ ଏବଂ ଅନୁବାଦ କଳା କୌଶଳର ସ୍ୱତନ୍ତ୍ର ପରିଚୟ ବର୍ଣ୍ଣନା କରିବା ସଂଗେ ସଂଗେ ହିନ୍ଦୀ ଭାଷା ସହିତ ସମନ୍ୱୟ ରକ୍ଷା କରି ଓଡ଼ିଆ ଭାଷା ସାହିତ୍ୟକୁ ବିକାଶ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ପରିଷଦର ଅଧ୍ୟକ୍ଷ କବି ତଥା ଅନୁବାଦକ ନାରାୟଣ ମୁଦୁଲିଙ୍କ ଦ୍ୱାରା ଅନୁଦିତ ଏବଂ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ବର୍ତ୍ତମାନ ସମୟର ୪୦ ଜଣ ପ୍ରବୀଣ ଓ ନବୀନ କବିମାନଙ୍କର ମୋଟ ୧୪୦ଟି ଓଡ଼ିଆ କବିତାକୁ ନେଇ ହିନ୍ଦୀରେ ଅନୁବାଦ ପୁସ୍ତକ 'ସମକାଳୀନ ଓଡ଼ିଆ କବିତାଓଂ କା ହିନ୍ଦୀ ଅନୁବାଦ'କୁ ହିନ୍ଦୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ଅଜିତ କୁମାର ମହାପାତ୍ର ସମୀକ୍ଷା କରିଥିଲେ । ସଂସ୍କୃତି ବିଭାଗର ଅନୁଶାସନସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ୍ ଶ୍ରୀ ଅଲେଖ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମାରୋହରେ କବି ରଂଜନ କୁମାର ଦାସଙ୍କୁ ଧର୍ମବୀର ଭାରତୀ କବିତା ସମ୍ମାନ, କବି ପିତାମ୍ବର ତରାଇଙ୍କୁ ସୂର୍ଯ୍ୟକାନ୍ତ ନିରାଲା ସମ୍ମାନ, ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଖାଣ୍ଟି ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯିବା ସଂଗେ ସଂଗେ ଅନ୍ୟ କବିମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା ।

# ଡେରାବିଶ ବିକାଶ ପରିଷଦର ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବିକାଶ ପରିଷଦର ଏକ ବୈଠକ ଡେରାବିଶ ପାର୍କ ହାଉସ ପରିସରରେ ପରିଷଦର ସ୍ଥାୟୀ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସିଡିସି ସ୍ୱର୍ଗତ ବିପିନ ରାଓ୍ୱତଙ୍କ ସମେତ ହେଲିକେପ୍ଟରର ଦୁର୍ଘଟଣାରେ ଦେହାନ୍ତ ହୋଇଥିବା ୧୪ଜଣ ସେନା ଅଧିକାରୀ ଓ କର୍ମଚାରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରିଷଦର ସମ୍ପାଦକଙ୍କ ବିୟୋଗ ଯୋଗୁଁ ପରିଷଦର ସଭ୍ୟ ଦିବାକର ନାୟକଙ୍କୁ ନୂତନ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ଡେରାବିଶର ବିକାଶ ପାଇଁ ନୂତନ ସମ୍ପାଦକ ଶ୍ରୀ ନାୟକ ସମସ୍ତ ସଭ୍ୟଙ୍କ ସହଯୋଗରେ ଉଦ୍ୟମ ଜାରି ରଖିବେ ବୋଲି ସଙ୍କଳ୍ପ ନେଇଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ସେଥିପାଇଁ ବୈଠକରେ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା । ଚଳିତବର୍ଷ ବନ୍ୟା, ବାତ୍ୟା ଯୋଗୁଁ କୃଷକଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବାରୁ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା । ଏହି ବୈଠକରେ ଅମ୍ବିକା ପ୍ରସାଦ ରଥ, କ୍ଷୀରୋଦ ଚନ୍ଦ୍ର ସାମଲ, ଗୋଲକ ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ଅଭିମନ୍ୟୁ ସାହୁ, ପ୍ରସନ୍ନ କୁମାର ସିଂ, ବୈଷ୍ଣବ ଚରଣ ଜେନା, କୃଷ୍ଣ ଚନ୍ଦ୍ର ବଳ, ନିଳମଣୀ ବେହେରାଙ୍କ ସମେତ ପରିଷଦର ବହୁ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପାରାଦୀପରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ପାରାଦୀପ (ପିଏନ୍)-ଗତ ମାସ ୨୫ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜନ୍ମ ବାର୍ଷିକ ଉପଲକ୍ଷେ ପାରାଦୀପର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପ୍ରଚେଷ୍ଟାରେ ବାଜପେୟୀଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିଷ୍ଠା କରାଯାଇଛି । ଏଥିନିମନ୍ତେ ପାରାଦୀପ ନୂଆବଜାରସ୍ଥିତ ବାଜପେୟୀ ପାର୍କକୁ ସ୍ଥାନ ନିରୂପଣ କରାଯାଇଥିଲା । ଏହି ପାର୍କ ପରିସରରେ ଆୟୋଜିତ ହେବାକୁ ଥିବା ସମାରୋହରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଯୋଗ ଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାରାଦୀପ ବନ୍ଦର ପକ୍ଷରୁ ପ୍ରତିମୂର୍ତ୍ତି ଯୋଗାଇ ଦିଆଯାଇଥିବା ବେଳେ ଟ୍ରଷ୍ଟର ସଦସ୍ୟମାନେ ନିଜର ଅର୍ଥ ଓ ଶ୍ରମ ଦାନ କରି ମୂର୍ତ୍ତି ନିମନ୍ତେ ଷ୍ଟାଣ୍ଡ ନିର୍ମାଣର ବ୍ୟୟଭାର ବହନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଚଳବସୀ ବହୁସଂଖ୍ୟାରେ ଯୋଗଦେଇ ସ୍ୱର୍ଗତଃ ଅଟଳବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ରାଜ୍ୟସଭା ସାଂସଦ ସୁବାଷ ସିଂଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ରାଜ୍ୟସଭା ସାଂସଦ ସୁବାଷ ସିଂଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓକିଲମାନଙ୍କ ପକ୍ଷରୁ ଏକ ଦାବୀପତ୍ର ସାଂସଦ ଶ୍ରୀ ସିଂଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟସଭା ସାଂସଦ ଶ୍ରୀ ସିଂ ଜିଲ୍ଲାର ସର୍ବପୂରାତନ ଜିଲ୍ଲା ଓକିଲ ସଂଘର ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏହି ସଭାରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସେକ ଅଜିମୁଦ୍ଦିନ, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି, ଗଗନବିହାରୀ ଜେନା, ବିଭୁ ପ୍ରସାଦ ସିଂ, ରଞ୍ଜନ କୁମାର ପଣ୍ଡା, ନିରଞ୍ଜନ ବଳ, ଭୀମସେନ ଭୂୟାଁ, ବ୍ରଜ ସୁନ୍ଦର ରାଉତ, ମାନସ ମହାନ୍ତି, ସ୍ମୃତିରଂଜନ ସିଂ, ହାଡିବନ୍ଧୁ ସିଂ, ନିତ୍ୟାନନ୍ଦ ସ୍ୱାଇଁ, ଅରୁଣ ପ୍ରସାଦ ଦାସ, ଦିନେଶରାଜ ସିଂ, ଚୌଧୁରୀ ସୁବାଷ ଚନ୍ଦ୍ର ମିଶ୍ର, ବିରେନ୍ଦ୍ର ଦାସ, ରାଧାଶ୍ୟାମ ଚାନ୍ଦ, ଅଫସର ଅଲ୍ଲୀ ବକ୍ସ, ପ୍ରଭାତ ପ୍ରଧାନ, ଆଶିଷ ସାମଲ, ରେଣୁବାଳା ସାମଲ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପିର ମିଶ୍ରଣ ପର୍ବ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସଂପାରୁ ପଂଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଅତିଥି ଭାବେ ଯୋଗଦେଇଥିଲେ । ଶତାଧିକ ଯୁବକ ଅନ୍ୟ ଦଳ ଛାଡି ବିଜେପିରେ ଯୋଗଦେଇଥିଲେ । ଶ୍ରୀମତୀ ପହି ସେମାନଙ୍କୁ ଦଳୀୟ ଟୋପି ଓ ଉତରୀୟ ଦେଇ ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ କରୁଣାକର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଚନ୍ଦ୍ରମଣି ପଣ୍ଡିତ, ମାନସ ମହାନ୍ତି, ଦୁଃଶାସନ ଘଡାଇ, ବିଭୂତି ଭୂଷଣ ଜେନା, ହିମାଂଶୁ ମହାପାତ୍ର, ତପନ ମାହୁନ୍ତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଏହି ମିଶ୍ରଣ ପର୍ବରେ ରାଜା ସାହୁ, ବାବୁ ସାହୁ, ଅଶୋକ ସାହୁ, ବୁଲା ବେହେରା, ବୀର ସାହୁ, ନିରଂଜନ ମଲିକ, ଆତୁଲ ମଲିକ, ଦେବ ମଲିକ ପ୍ରମୁଖ ଶତାଧିକ ଯୁବକ ଅନ୍ୟଦଳ ଛାଡି ଦଳରେ ଯୋଗଦେଇଥିଲେ ।

## ବରିଷ୍ଠ ନାଗରିକ ମଂଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମଂଚର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଗତ ମାସ ୨୯ ତାରିଖ ଅପରାହ୍ଣ ୨ଘଟିକା ସମୟରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସଭାପତି ଜ୍ଞାନରଂଜନ ଦାଶଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସର୍ବଶ୍ରୀ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, ବୈକୁଣ୍ଠନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ବୈକୁଣ୍ଠନାଥ ମହାପାତ୍ର, ବସନ୍ତ କୁମାର ଦାଶ, ସମରଜିତ୍ ପଟ୍ଟନାୟକ, ନାରାୟଣ ଦାସ, ବିରଂଚି ନାରାୟଣ ଚହଟରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଧାୟକ ଜିତୁ ମିତ୍ର, ଜିଲା ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲାପାଳ, ଉପ-ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଉତ୍ସବରେ ସମ୍ମାନ ସମ୍ବର୍ଦ୍ଧନା ସହ ଏକ ମୁଖପତ୍ର ଉନ୍ମୋଚିତ ହୋଇଥିବା ବରିଷ୍ଠ ନାଗରିକ ମଂଚର ସଂପାଦକ ରାମଶଂକର ଜଣାଇଥିଲେ । ଏହି ଅବସରରେ ପରିଚୟ ପତ୍ର ପାଇନଥିବା ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି ।

## ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ପାଇଲେ ଏଡିଏମଓ ଡା. ମିଶ୍ର



କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲା ବୋଇତ ବନ୍ଦାଣ ସମିତି,କେନ୍ଦ୍ରାପଡା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.ସଚ୍ଚିଦାନନ୍ଦ ମିଶ୍ରଙ୍କୁ କୋଭିଡ ସମୟର ଉତ୍ସର୍ଗୀକୃତ ସେବା ପାଇଁ ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦିପ କୁମାର ମହାନ୍ତି, ସମ୍ପାଦକ ସଞ୍ଜୟ ରାଉତ, ସଭ୍ୟ ବୈଷ୍ଣବ ଚରଣ ପ୍ରଧାନ, ଚିତ୍ତରଞ୍ଜନ ଦାସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ଓ ଏଡିଏମଓ ଡା. ନୃପେଶ ଶତପଥୀ ପ୍ରମୁଖ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା କୋଭିଡର ଜିଲ୍ଲା ନୋଡାଲ ଅଧିକାରୀ ଡା. ମିଶ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

## ବିଶ୍ୱଜୀବନ ସେବାସଂଘ ସଭାପତି ଜଗନ୍ନାଥ ସେଠୀଙ୍କ ପରଲୋକ

ଖୋର୍ଦ୍ଧା (ପିଏନ୍): ଶରଧାପୁର ବିଶ୍ୱଜୀବନ ସେବାସଂଘର ସଭାପତି ତଥା ଖୋର୍ଦ୍ଧା ବ୍ଲକର ଅବସରପ୍ରାପ୍ତ ବିଆରସିସି ଜଗନ୍ନାଥ ସେଠୀଙ୍କର ୬୫ ବର୍ଷ ବୟସରେ ପୁରୀର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ନିଜ ଗ୍ରାମ ଶରଧାପୁର ଭୀମେଶ୍ୱର ହାଇସ୍କୁଲ ପ୍ରତିଷ୍ଠାରେ ତାଂକର ଅଗ୍ରଣୀ ଭୂମିକା ରହିଥିଲା । ରାଜ୍ୟର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଜୀବନ ସେବାସଂଘର ସଭାପତି ଭାବେ ବହୁ ଉନ୍ନତିମୂଳକ କାର୍ଯ୍ୟରେ ସେ ବ୍ରତୀ ଥିଲେ ବୋଲି ଶୋକପ୍ରକାଶ କରି ସେବାସଂଘର ସାଧାରଣ ସଂପାଦକ ବୈଦ୍ୟନାଥ ବରାଳ ମତ ଦେଇଛନ୍ତି । ସ୍ୱର୍ଗତ ସେଠୀ ଖୋର୍ଦ୍ଧା କୋଣାର୍କ ନଗରରେ ସ୍ଥାୟୀ ଭାବେ ଗତ ୧୨ ବର୍ଷ ହେବ ରହୁଥିଲେ । ତାଂକ ମୃତ୍ୟୁରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ୟୁଜିମିଇ ସ୍କୁଲ ଶିକ୍ଷକ ସଂଘ ସଭାପତି ରବି ଶତପଥୀ, ଦିବାକର ପଟ୍ଟନାୟକ, ଗୁଣନିଧି ମହାପାତ୍ର, ରତ୍ନାକର ରଣସିଂହ, ଗୋଦାବରୀଶ ପାଇକରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ପ୍ରଜ୍ଞାପନ ମେଢ ବାଦ୍ ପଡିବା ଏକ ଷଡଯନ୍ତ୍ର

ଭୁବନେଶ୍ୱର (ପିଏନ୍): ଆସନ୍ତା ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡିଶାର ପ୍ରଜ୍ଞାପନ ମେଢ ବାଦ୍ ପଡିବା ନିନ୍ଦନୀୟ । ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲଟି ତିନିଥର ଚୟନ କମିଟିରେ ଗ୍ରହଣ ହୋଇଥିବା ବେଳେ ଚତୁର୍ଥ ତଥା ଶେଷ ଚୟନ କମିଟିକୁ ମଡେଲ ଉପସ୍ଥାପନା ପାଇଁ ଡକାନଯିବା ଦୁର୍ଭାଗ୍ୟଜନକ । ନିକଟରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିବା ବେଳେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲକୁ ଜାତୀୟ ସାଧାରଣତନ୍ତ୍ର ଦିବସରେ ସାମିଲ କରାଇ ନଦେବା ପାଇଁ ଷଡଯନ୍ତ୍ର ହୋଇଥିବାର ସନ୍ଦେହ ହେଉଛି । ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରୁଛି ଓ ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଯୋଗେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଉତ୍କଳ ସମ୍ମିଳନୀ ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିବ ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି ।

# ମୋ ସହର

## ଓଟିନ୍ଧାରେ ମହାବୀର ପ୍ରିମିୟର ଲିଗ ଉଦଯାପିତ୍, ବାସୁଦେବ ଜେମସ ସୁଇଂଗର ଚମ୍ପିଅନ

କୋରେଇ,(ପି.ଏନ): ପଥରପଦା ପଂଚାୟତ ଅନ୍ତର୍ଗତ ଓଟିନ୍ଧା ଗ୍ରାମରେ ରାତ୍ରୀକାଳୀନ ମହାବୀର ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଛି । ମହାବୀର କ୍ରିକେଟ କ୍ଲବ ଆୟୋଜକ କ୍ରମେ ୪ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ ।ଏହି ଉତ୍ସବରେ ସମସ୍ତ ଦଳ ଓ ମାଲିକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ମହାବୀର ଏକାଦଶ ବନାମ ପ୍ରେସ କ୍ଲବ ମଧ୍ଯରେ ଅନୁଷ୍ଠିତ ହୋଇଥିଲା । ମହାବୀର ଏକାଦଶକୁ ହରାଇ ପ୍ରେସ କ୍ଲବ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚ ବାସୁଦେବ ଜେମସ ସୁଇଙ୍ଗର ବନାମ ଆର.ଏସ ଏକାଦଶ ମଧ୍ୟରେ ଅନୁଠ୍ିତ ହୋଇଥିଲା । ବାସୁଦେବ ଜେମସ ଟସଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୫ ଓଭରରେ ୬ ୱିକେଟ ହରାଇ ୪୭ ରନ ସଂଗ୍ରହ କରିଥିଲା । ଜବାବରେ ଆରଏସ ଏକାଦଶ ନିର୍ଦ୍ଧାରିତ ୫ ଓଭରରେ ୩ୱିକେଟ ହରାଇ ୩୯ ରନ କରି ପରାଜୟ ବରଣ କରିଥିଲା । ଫଳରେ ବାସୁଦେବ ଜେମସ ସୁଇଙ୍ଗର ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ଏହି ମ୍ୟାଚକୁ ଶିଶିର ସାହୁ ଓ ବଳରାମ ସାହୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଭରତ ସାହୁ ଓ ଶ୍ରୀକାନ୍ତ ଦାସ ଯୋଗଦେଇଥିବା ବେଳେ ସୌରଜିତ ସେନାପତି ଓ ପଦ୍ମନାଭ ମାଝୀ ଧାରାବିବରଣୀ ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ପ୍ରୀନିସ କୁମାର ବେହେରା ଓ ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ଅଜୟ ଗିରିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ଶେଷରେ ଚମ୍ପୀଅନ ଦଳକୁ ନଗଦ ୮ ହଜାରଟଙ୍କା ସହ ଟ୍ରଫି ଓ ରନରସ ଅପ ଦଳକୁ ୫ ହଜାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ସମୀର ସାହୁ, ଦେବଦତ ସେନାପତି, ସୌରପ୍ରତାପ ସେନାପତି, ଅଭିମନ୍ୟୁ ପରିଡା, ଲକ୍ଷ୍ମଣ ମାଝୀ, ପିୟୁଷ କୁମାର ସାହୁ, ପ୍ରଦୀପ ମାଝୀ, ଅଜୟ ଗିରି ସୁରଜିତ ସେନାପତି, ଜୟନ୍ତ ସାହୁ, ମନୋଜ ପରିଡା, ସୁକାନ୍ତ ମାଝୀ, ବିଜୟ କୁମାର ଗିରି, ଅର୍ଜ୍ଜୁନ ମାଝୀ, ବବୁଲ ପହୀ, ରାମ ଚନ୍ଦ୍ର ମାଝୀ ପ୍ରମୁଖ ପରିଚାଳନା କରିଥିଲେ ।

## ପାଟଣାଗଡ଼ କାରାଗାରରେ ଆଇନ୍ ସଚେତନତା ଶିବିର

ବଲାଙ୍ଗୀର, (ପି.ଏନ): ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ଶ୍ରୀମତୀ ଶ୍ୱେତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଜି ପାଟଣାଗଡ ଉପକାରାଗାର ମଧ୍ୟରେ ପ୍ରୋଭିଜନ ଅଫ ସିଆରପିସି ଏଫଆଇଆର, ସମନ ଓ ୱାରେଂଟ ରାଇଟ ଲିଗାଲ ରିପ୍ରେଜେନ୍ସର ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶ୍ରୀମତୀ ମିଶ୍ର ବନ୍ଦୀମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରିଥିଲେ । ଉକ୍ତ ସଭା ପରେ ଉପଜିଲ୍ଲାପାଳ ଡ଼କ୍ଟର ବିଜୟାନନ୍ଦ ସେଠୀ, ଏସଡିପିଓ ଜ୍ୟୋତିମୟ ଭୁକ୍ତା, ସରକାରୀ ଓକିଲ ଶ୍ରୀମତ କୁମାର ପାଣିଗ୍ରାହୀ, ଆଶୀଷ ଚନ୍ଦନ, କାମାକ୍ଷା ପ୍ରସାଦ ସାହୁ ଓ ଭକ୍ତରାମ ବାଗ ଯୋଗଦେଇ କଏଦୀମାନଙ୍କର ଅଧିକାର ଏବଂ ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ । ଜେଲ୍ ? ଅଧିକାରୀ ଜନାର୍ଦ୍ଦନ ମଲ୍ଲିକଙ୍କ ସହାୟତାରେ ଉକ୍ତ ସଭାଟି ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା । ଶେଷରେ ଅଧ୍ୟକ୍ଷ ଶ୍ରୀମତୀ ଶ୍ୱେତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କଏଦୀମାନଙ୍କୁ ବିସ୍କୁଟ ଏବଂ ଫଳ ବଣ୍ଟନ କରିଥିଲେ ।

## ରାସ୍ତାର ଅବ୍ୟବସ୍ଥା ପାଇଁ ଦୁର୍ଘଟଣା, ଅଳ୍ପକେ ବର୍ତିଲେ ଯୁବକ

କନ୍ଧମାଳ, (ପି.ଏନ): ଖଜୁରୀପଡା ବଜାର ଛକରୁ ପେଟ୍ରୋଲପମ୍ପ ମଧ୍ୟରେ ରହିଥିବା ପିଡବ୍ଲୁଡି ରାସ୍ତା ଖାଲଖମା ହୋଇ ରହିଥିବା କାରଣରୁ ଆଜି ଦଶପଲ୍ଲୀ ଅଂଚଳର ମାନସ ବେହେରା ନାମକ ଜଣେ ଯୁବକ ନିଶ୍ଚିତ ବିପଦ ମୁଖରୁ ରକ୍ଷା ପାଇଥିବା ବେଳେ ଗୁରୁତର ଭାବେ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି ହୋଇ ଚିକିତ୍ସିତ ହୋଇଛନ୍ତି । ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଅଧିକ ଚିକିତ୍ସା ପାଇଁ ମାନସଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଆଜି ଦିନ ୧୨ ଟା ସମୟରେ ମାନସ ଏକ ସ୍କୁଟିରେ ଖଜୁରୀପଡା ଠାରୁ ଆର ନୂଆଗାଁ ନିଜ ସମ୍ପର୍କିୟ ଘରକୁ ଯାଉଥିବା ବେଳେ ସେଠାରେ ରହିଥିବା ଖାଲଖମା ପ୍ରତି ତାଙ୍କର ଧ୍ୟାନ ନଥିବା କାରଣରୁ ହଠାତ୍ ଖାଲରେ ପଡିଯାଇ ନିକଟରେ ଥିବା ଏକ ଗଛ ପାଖକୁ ଗାଡି ସହ ଛିଟିକି ପଡିଥିଲେ । ସୌଭାଗ୍ୟବଶତଃ ଗଛରେ ଆଘାତ ହୋଇ ନଥିଲେ ମଧ ଗୁରୁତର ଭାବେ ଖଣ୍ଡିଆଖାବରା ହୋଇଥିଲେ । ଉକ୍ତ ପିଡବ୍ଲୁଡି ରାସ୍ତା ଖଜୁରୀପଡା ଠାରୁ ସଙ୍କରାଖୋଲ ଯାଏଁ ରହିଥିବା ବେଳେ ବିଶେଷଭାବେ ଖଜୁରୀପଡା ଠାରୁ ଆର ନୂଆଗାଁ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଖାଲଖମା ରେ ଭର୍ତି ହୋଇ ରହିଛି ।ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମଧ୍ୟ ହୋଇ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କ ଅହେତୁକ ଅବହେଳା ପାଇଁ ଲୋକଙ୍କ ଧନଜୀବନ ବିପଦରେ ପଡ଼ିଥିବା ଅଭିଯୋଗ ହୋଇଛି । ଗତ ୧୧ ତାରିଖ ଜିଲ୍ଲା ପରିଷଦ ବୈଠକରେ ପିଡବ୍ଲୁଡି ରାସ୍ତା ନିର୍ମାଣ ଏବଂ ମରାମତିରେ ବ୍ୟାପକ ଦୁର୍ନିତୀ ଏବଂ ମରାମତି ନିମ୍ନ ମାନର ହେଉଥିବା ନେଇ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଏବଂ ଖଜୁରୀପଡା ପଂଚାୟତ ସମିତି ଅଧ୍ୟକ୍ଷା ଅନିମାଁ କହଁର ମଧ୍ଯ ଅଭିଯୋଗ କରିଥିବା ବେଳେ ଆଜି ପିଡବ୍ଲୁଡି ବିଭାଗର ଅବହେଳା ପାଇଁ ପୁଣି ଏକ ଦୁର୍ଭାଗ୍ୟଜନକ ଘଟଣା ଘଟି ଯାଇଛି । ଘଟଣା ସ୍ଥାନରୁ ଉରୁ ମୁଣ୍ଡା ଗ୍ରାମର ଶିକ୍ଷକ ଅଶୋକ କୁମାର ମଳିକ ନିଜ ଘରୁ ଆସୁଥିବା ବେଳେ ସେ ନିଜ ଗାଡିରେ ତୁରନ୍ତ ଆହତ ମାନସଙ୍କୁ ମେଡିକାଲ ରେ ପହଂଚାଇଥିଲେ । ଉକ୍ତ ପିଡବ୍ଲୁଡି ରାସ୍ତାରେ ଖଜୁରୀପଡା ଠାରୁ ସଙ୍କରାଖୋଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରହିଥିବା ଖାଲଖମା ଯଦି ତୁରନ୍ତ ଅପ୍ରେଲ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରାନଯାଏ ତାହେଲେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ ଖଜୁରୀପଡା ଠାରୁ ସଙ୍କରାଖୋଲ ରାସ୍ତାକୁ ଅବରୋଧ କରି ଜନଆନ୍ଦୋଳନ ନିଶ୍ଚିତ କରାଯିବ ବୋଲି ସମାଜସେବୀ ଅନନ୍ତ କୁମାର ଦିଗାଲ କଡା ଚେତାବନୀ ଦେଇଛନ୍ତି ।

## ହିନ୍ଦୁ ଏକତା ର୍ୟାଲି ପାଇଁ ପ୍ରଶାସନ ସହିତ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର ଆଲୋଚନା

କେନ୍ଦ୍ରାପଡ଼ା, (ପି.ଏନ): ମହା ବିଷୁବ ସଂକ୍ରାନ୍ତି, ଓଡିଆ ନବ ବର୍ଷ ତଥା ମହାବୀର ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ଥିବା ବିଶାଳ ହନୁମାନ ଝଣ୍ଡା ର୍ୟାଲି ସହର ପରିକ୍ରମା କରିବ । ଏନେଇ ଆୟୋଜକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତା ମାନଙ୍କ ସହ ପୋଲିସ ପ୍ରଶାସନ ଗୁରୁବାର ମଧ୍ୟାହ୍ନରେ ବିଶେଷ ଭାବେ ଆଲୋଚନା କରିଛି । ଏହି ବାଇକ ଶୋଭାଯାତ୍ରା ଇଛାପୁର ର ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ରଥଦାଣ୍ଡରୁ ସକାଳ ୧୦ଟା ସମୟରେ ବାହାରି ସହର ର ମୁଖ୍ୟ ସଡକ ଦେଇ ପରିକ୍ରମା କରିବା ସହ ତିନିମୁହାଣୀ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ପହଁଚିବ । ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକରଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା । ପ୍ରଶାସନ ପକ୍ଷରୁ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଏସପି ହରେଶ ପାଣ୍ଡେ, ଏସଡିପିଓ ଜୟନ୍ତ ମହାପାତ୍ର, ଟାଉନ ଥାନା ଅଧିକାରୀ ତପନ ନାୟକ, ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ବଜରଙ୍ଗ ଦଳ ପକ୍ଷରୁ ବିବେକାନନ୍ଦ ମହାରଣା, ରାଜ କିଶୋର ନାୟକ, ବିରେନ୍ଦ୍ର ସାମଲ, ସତ୍ୟପ୍ରିୟ ଜେନା, ଅଭୟ ଖୁଣ୍ଟିଆ, ଅକ୍ଷୟ କୁମାର ସେନାପତି, ସନାତନ ସୁଆର

## ଶୋଭାଯାତ୍ରା ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନର ପ୍ରସ୍ତୁତି

କେନ୍ଦ୍ରାପଡ଼ା, (ପି.ଏନ): ମହାବୀର ହନୁମାନ ଜୟନ୍ତୀରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା ଇଛାପୁର ରୁ ବାହାରି ସହର ପରିକ୍ରମା କରିବା ସହ ତିନିମୁହାଣୀରେ ପହଁଚିବ । ଏଥିରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରୁଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତି କରାଯାଇ ଥିବା ସୂଚନା ମିଳିଛି । ଏହି ଶୋଭାଯାତ୍ରାରେ ଏସପି ସନ୍ଦିପ ସମ୍ପଦ ମଡକରଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସପି ହରେଶ ପାଣ୍ଡେ, ୬ଜଣ ଡିଏସପି, ୧୪ଜଣ ଇନିସପେକ୍ଟର, ୨୫ ଜଣ ଏସଆଇ, ଏ.ଏସ୍.ଆଇ, ୧୨୭ ଜଣ କନେଷ୍ଟବଳଙ୍କ ସହ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ବାଇକ୍ ଶୋଭାଯାତ୍ରା ବେଳେ ଯୋଜନାବଦ୍ଧ ଆକ୍ରମଣକୁ ନିନ୍ଦା : ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର, (ପି.ଏନ): ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ପରି ଗୋବିନ୍ଦଟୋଳାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବୁଧବାର ସନ୍ଧ୍ୟାରେ ବାହାରିଥିଲା । ଅନ୍ୟ ବର୍ଷ ଭଳି ଜେଲଛକ, ଭୁତାପଡା, ମୋତିଝରଣ, ସୋନାପାଲି ଦେଇ ଯାଉଥିବା ବେଳେ, ମୋତିଝରଣ ମସଜିଦ୍ ପାଖରେ ପଥର ଓ ବିଭିନ୍ନ ମରଣାସ୍ତ୍ରରେ ଶୋଭାଯାତ୍ରାରେ ଥିବା ଲୋକଙ୍କ ଉପରେ ଆତର୍କିତ ଆକ୍ରମଣ ହୋଇଥିଲା । ଯାହାକି ଅତ୍ୟନ୍ତ ନିନ୍ଦନୀୟ ବିଷୟ ବୋଲି ସମ୍ବଲପୁର ଜିଲ୍ଲା ବିଜେପିର ପୂର୍ବତନ ଯୁବମୋର୍ଚ୍ଚା ସଭାପତି ତଥା ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ଆଜି ପ୍ରକାଶ କରିଛନ୍ତି । ଏହିପରି ଅଭାବନୀୟ ଘଟଣା ପୂର୍ବରୁ କେବେ ଘଟିନଥିବା ବେଳେ, ଆଜିର ଦିନରେ ସମ୍ବଲପୁର ପରି ଏକ ଶାନ୍ତିର ସହରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇଛି । ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବିଷୟ ବୋଲି ଶ୍ରୀ ପାଣିଗ୍ରାହୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଆଜିଯାଏ ହିନ୍ଦୁ, ମୁସଲିମ, ଶିଖ ଓ ଇଶାଇ ଧର୍ମୀୟ ଶୋଭାଯାତ୍ରାରେ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇନଥିବା ବେଳେ ଦିଲ୍ଲୀ, ବିହାର, ପଶ୍ଚିମବଙ୍ଗ, ଉତରପ୍ରଦେଶ ରାଜ୍ୟ ପରି ଘଟଣା ଘଟାଇଥିବା ଅଭିଯୁକ୍ତମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ପ୍ରଶାସନ ନେଉ ବୋଲି ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି । ଏହି ଅଭାବନୀୟ ଘଟଣା ଯେପରି ଘଟିଛି, ତାକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁଭବ ହେଉଛି ଯେ, ଏହା ଏକ ସୁପରିକଳ୍ପିତ ଯୋଜନାବଦ୍ଧ କାର୍ଯ୍ୟକଳାପ । ଏହି ପରିସ୍ଥିତିକୁ ରୋକିବା ପାଇଁ, ଜିଲ୍ଲା ପ୍ରଶାସନ କାହିଁକି ପୂର୍ବ ପ୍ରସ୍ତୁତି କଲାନାହିଁ ବୋଲି ମଧ୍ୟ ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି କ୍ଷ ତେଣୁ ଜିଲ୍ଲା ପ୍ରଶାସନ ଏହି ସମ୍ବେଦନଶୀଳ ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପାଣିଗ୍ରାହୀଙ୍କ ସମେତ ବୁଦ୍ଧିଜୀବୀ ମହଲରୁ ମତପ୍ରକାଶ ପାଇଛି । ସୂଚନାଯୋଗ୍ୟ ଏହି ଆକ୍ରମଣ ଘଟଣାରେ ଧନୁପାଲି ଥାନା, ଟାଉନ୍ ଥାନା ଅଧିକାରୀଙ୍କ ସମେତ ମୋଟ ୩୦ ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ଜାତିଆଣ ବିବାଦକୁ ନେଇ କିଛି ଯୁବଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତେଜନା ଲାଗିରହିଛି । ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ହେବା ସହ ଆଜି ମଓତଇଝରଣ ଛକ ଠାରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିଛି ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କ୍ଲଷ୍ଟର ସ୍କୁଲକୁ ପ୍ରିଂଟର ଆସିଲା

ବଲାଙ୍ଗୀର, (ପି.ଏନ): ପାଟଣାଗଡ ବ୍ଲକ ଶିକ୍ଷାଧିଶ ଅଧିନସ୍ଥ ତମିଆଁ କ୍ଲଷ୍ଟରରେ କମ୍ପ୍ୟୁଟର, ପ୍ରିଂଟର, ୟୁପିଏସ୍ ଆଦି ନ ଥିବା କାରଣରୁ ତମିଆଁ କ୍ଲଷ୍ଟର ଅନ୍ତର୍ଗତ ୧୦ ଟି ପ୍ରାଥମିକ / ଉଚ୍ଚ ପ୍ରାଥମିକ ସ୍କୁଲ ୟୁ-ଡାଇସ ପ୍ଲସ, ଏଡମିସନ, ଟିସଟିଚର ପ୍ରୋଫାଇଲ, ସ୍କୁଲ ଡାଟା ଅନଲାଇ କାମ ଆଦି ହୋଇ ପାରୁ ନ ଥିଲା । ତତ୍ ?କାଳିନ ଚନ୍ଦ୍ରମଣି ମେହେର ଅନୈକତ ଅନୈକତ କାର୍ଯ୍ୟକଳାପ ଯୋଗୁଁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବଲାଙ୍ଗିର ସିଆରସିସି ପଦରୁ ଗତ ଅଗଷ୍ଟ ୨୦୨୨ ରୁ ବହିଷ୍କାର କରିଥିଲେ ଓ ପାଟଣାଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସିଆରସିସି କାର୍ଯ୍ୟ ସଂପାଦନ କରିବା ପାଇଁ ଏକ ଭାରପ୍ରାପ୍ତ ସିଆରସିସି ନିୟୋଜନ କରିବା ପାଇଁ ଆଦେଶ ଦେଇଥିଲେ । ସେହି ଆଧାରରେ ଭରତବାହାଲ ଉ.ପ୍ରା. ସ୍କୁଲର ସହକାରୀ ଶିକ୍ଷକ ଆଶିଷ କୁମାର ପାତ୍ର ତମିଆ କ୍ଲଷ୍ଟରରେ ସିଆରସିସି ରୂପେ କାର୍ଯ୍ୟ କରୁଛନ୍ତି । ଦୀର୍ଘ ୮ ମାସ ହେବ ଶ୍ରୀ ମେହେର ଓ ଶ୍ରୀ ପାତ୍ର ଦାୟିତ୍ୱ ହସ୍ତାନ୍ତର ଦେବା ନେବା ଆଦି ନ ହୋଇଥିବା କାରଣରୁ ସ୍କୁଲ ରୁ କମ୍ପୁଟର, ପ୍ରିଣ୍ଟର, ୟୁପିସ ଆଦି ଆସି ପାରି ନ ଥିଲା । ଫଳରେ ସ୍କୁଲମାନଙ୍କର ଅନ୍ ଲାଇନ କାମ ମାନ ଠିକ୍ ଭାବରେ ହୋଇ ପାରୁ ନ ଥିଲା । ଗତ ତା.୦୪.୦୪.୨୦୨୩ ଦିନ ପରିଚାଳନା କମିଟି ସଭାପତି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରି ସ୍କୁଲକୁ ସାମଗ୍ରୀମାନ ଆଣିବା ପାଇଁ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଚଂଚଳ ରାଣା ତତ୍ ?କ୍ଷଣାତ୍ ଜିଲ୍ଲା ଶିକ୍ଷାଧିଶ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ତୁରନ୍ତ ବିଧିକାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଓ ଡିଇଓଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ପାଟଣାଗଡ ତମିଆଁ କ୍ଲଷ୍ଟରର ତତ୍ କାଳିନ ସିଆରସିସି ତଥା ବର୍ତମାନ ଗେର୍ଡୀ / ରେଙ୍ଗାଲି ପ୍ରକଳ୍ପ ଉ.ପ୍ରା. ସ୍କୁଲ ର ସହକାରୀ ଶିକ୍ଷକ ଚନ୍ଦ୍ରମଣି ମେହେରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାଇପଡିଛି । ବର୍ତମାନ ତମିଆଁ ସ୍କୁଲ କୁ ସିଆରସିସି ଶ୍ରୀ ପାତ୍ର ଗୋଟିଏ ପ୍ରିଣ୍ଟର ଓ ଗୋଟିଏ ୟୁପିଏସ୍ ଗତ ତା.୮.୦୪.୨୦୨୩ ଦିନ ଆଣିଛନ୍ତି । ସ୍କୁଲ ସଭାପତି ରୋହିତ ନାଏକ ଜିଲ୍ଲା ପ୍ରଶାସନ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ଘର ସାର୍ଟିଫିକେଟ ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ପୋଡ଼ି ପାଉଁଶ

କନ୍ଧମାଳ, (ପି.ଏନ): ଗ୍ନିକାଣ୍ଡରେ ଜଳିଗଲା ଘର । ପିଲାଙ୍କ ସାର୍ଟିଫିକେଟ, ଆସବାବପତ୍ର, ସୁନା ରୂପା,ନଗଦ ଦୁଇ ଲକ୍ଷ ଟଙ୍କା ଜଳିପୋଡ଼ି ପାଉଁଶ ହୋଇଗଲା । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ । ଏଭଳି ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ୍ ଅନ୍ତର୍ଗତ ଜୁଡ଼ାବାଲି ପଂଚାୟତର ଶ୍ରାଲିଗୁଡ଼ା ଗ୍ରାମରେ । ସୂଚନା ପ୍ରକାରେ ଗତକାଲି ରାତିରେ ରାତ୍ରି ଭୋଜନ ପରେ ଶ୍ରାଲିଗୁଡ଼ା ଗ୍ରାମରେ ରବିନ୍ଦ୍ର ମାଲିଙ୍ଗ ମାଝୀ, ସ୍ତ୍ରୀ ରଶ୍ମିତାଙ୍କ ସମେତ ତିନି ପୁଅ ଓ ଝିଅ ଘରେ ଶୋଇଥିଲେ । କୌଣସି ପ୍ରକାରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା । ନିଦରୁ ଉଠି ଦେଖିବା ବେଳେ ତାଙ୍କ ଘର ଜଳୁଥିବା ଦେଖିବାକୁ ପାଇଥିଲେ ରବିନ୍ଦ୍ର । ପ୍ରଣ ବିକଳରେ ଜୀବନ ବଂଚାଇବାକୁ ସପରିବାର ଘରୁ ବାହାରକୁ ବାହାରି ଆସିଥିଲେ । ପରିବାର ସମେତ ପାଖ ପଡ଼ୋଶୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା ସତ, କିନ୍ତୁ ରବିନ୍ଦ୍ରଙ୍କ ଘର ସମେତ ସବୁ ସମ୍ପତି ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି । ଏବେ ପରିବାର ଲୋକେ ବାସହରା ହୋଇ ଅସହାୟ ଅବସ୍ଥାରେ ଥିବା ଜଣାପଡ଼ିଛି । ସେପଟେ ପରିବାର ଲୋକେ ସରକାରୀ ସହାୟତାକୁ ଅନେଇ ବସିଥିବା ବେଳେ ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ଅଂଚଳବାସୀ ।

## ଭାରତରତ୍ନ ଡ. ବିଆର ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ପାଳିତ



ମାଲକାନଗିରି ଓଡା,(ପି.ଏନ): ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୨ତମ ଜୟନ୍ତୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ପାଳିତ ହୋଇଯାଇଛି ଓନିମନ୍ତ୍ରିତ ଅତିଥିମାନେ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଥିଲେ । ଏହି ଜୟନ୍ତୀରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚ଼ନ୍ଦ୍ର ନାଏକ ଓ ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗଦେଇଥିଲେ ଓ ଏହି ପରୀପ୍ରେକ୍ଷୀରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ସଭାପତିତ୍ୱ କରି କହିଥିଲେ ଯେ ଆଧୁନିକ ଭାରତ ଗଠନରେ ଭାରତରତ୍ନ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ଅବଦାନ ଓ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ଏକାଧାରରେ ଶିକ୍ଷା, ସଂଘର୍ଷ ତଥା ସଂଗଠନ ଭଳି ସ୍ଲୋଗାନ ପ୍ରବର୍ତ୍ତନ କରି ସମାଜକୁ ଏକ ନୂଆ ଦିଗଦର୍ଶନ ଦେଇଥିଲେ । ଆମ୍ବେଦକରଙ୍କ ପାଇଁ ଦେଶର ଶୋଷିତ, ଦଳିତ , ଆଦିବାସୀ ମହିଳା, ଦରିଦ୍ର ସମସ୍ତେ ନ୍ୟାୟ ପାଇବାକୁ ସମର୍ଥ ହୋଇଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଛନ୍ତି ।ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉପଜିଲ୍ଲାପାଳ ଶ୍ରୀ ଖେମୁଣ୍ଡୁ କହିଥିଲେ ଯେ ଏକ ସାଧାରଣ ପରିବାରରେ ଜନ୍ମ ନେଇ ଡକ୍ଟର ଆମ୍ବେଦକର ଅସାଧାରଣ ଜ୍ଞାନ ଓ ଦକ୍ଷତାର ଅଧିକାରୀ ହେବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନିକ ବ୍ୟବସ୍ଥାକୁ ଶ୍ରେଷ୍ଠତର ମର୍ଯ୍ୟାଦା ପ୍ରଦାନ କରିପାରିଥିଲେ । ସେ ଆହୁରି ମଧ କହିଥିଲେ ଯେ ଭାରତରତ୍ନ ବାବାସାହେବଙ୍କ ଜୀବନ ଗରିବ ବଞ୍ଚିତ, ନିଷ୍ପ ?ସିତ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ଉତଥାନ ଓ ସଶକ୍ତିକରଣ କରିବାରେ ସମର୍ପିତ ରହିଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚ଼ାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମାଥିଲି ତହସିଲଦାର ଚ଼ନ୍ଦନ କୁମାର ଭୋଇ, ଜିଲ୍ଲା ନିୟୋଜନ ଅଧିକାରୀ ମନସ୍ୱି ସେଠୀ, ଡେପୁଟି କଲେକ୍ଟର ଧ୍ରୁବ ଚ଼ରଣ ମୁଦୁଲି, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚ଼ରଣ ପଟ୍ଟନାୟକ,ଘନଶ୍ୟାମ ମାଡକାମୀ, ଭୁଦେବ ମହାନନ୍ଦିଆ, ଲକ୍ଷ୍ମଣ ଘରାମୀ, ଜାରା ଶବର ମାଢ଼ି, ପ୍ରଭାକର ହନ୍ତାଳ, ସନୁ ଅନୁଗୁଙ୍କ ସମେତ ସୂଚ଼ନା ଓ ଲୋକସଂପର୍କ ବିଭାଗର କର୍ମଚ଼ାରୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ମାନେ ଉପସ୍ଥିତ ଥିଲେ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday April 15, 2023 ଭୁବନେଶ୍ବର ଶନିବାର, ଅପ୍ରେଲ ୧୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପିସିସି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ଭୁବନେଶ୍ବର ,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ବର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଏଜି ଛକସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ କହିଥିଲେ ଯେ, ଭାରତ ରତ୍ନ ଆମ୍ବେଦକରଙ୍କ ରଚିତ ସମ୍ବିଧାନ ପ୍ରତିଟି ଭାରତୀୟଙ୍କୁ ଅନୁଶାସନ ଓ ନୀତି ଭିତରେ ବଂଚିବା ପାଇଁ ଆଲୋକ ପ୍ରଦାନ କରିଛି। ଆମ୍ବେଦକରଙ୍କ ପ୍ରଦତ୍ତ ସମ୍ବିଧାନ ଆମ୍ଭମାନଙ୍କୁ ଶୃଙ୍ଖଳା,ଶାନ୍ତି, ନିର୍ଭୀକ ଓ ସ୍ବାଧୀନ ଭାବରେ ବଂଚି



ରହିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛି। ଏହା ଭାରତୀୟ ମାନଙ୍କର ଜୀବନ ଯାପନର ପବିତ୍ର ବିଧି ବ୍ୟବସ୍ଥା। ଅନ୍ୟପକ୍ଷରେ ଏକ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ବିଶ୍ବଦରବାରରେ ଆମ୍ବେଦକର ଯେପରି ନିଜକୁ ପ୍ରତିଷ୍ଠିତ କରାଇପାରିଲେ ସେହି ଜୀବନ ଦର୍ଶନ ଆଜିର ଯୁବ ଓ ଛାତ୍ର ସମାଜପାଇଁ ଅନୁସରଣୀୟ। ସୁତରାଂ ଆମ୍ବେଦକରଙ୍କ ସମ୍ବିଧାନକୁ ସୁରକ୍ଷିତ ଓ ସଶକ୍ତ କରିବା ପ୍ରତିଟି ଭାରତୀୟଙ୍କର ପ୍ରଧାନ କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଜ ଦାଶ, କୁମାର ଶ୍ରୀ ଚିରିବ, ରଜନୀ ମହାନ୍ତି, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ହଳଧର ସେଠୀ, ଲିଙ୍ଗରାଜ ସାହୁ, ସୁଶାନ୍ତ ତ୍ରିପାଠୀ, ମିହିର ଆଚାର୍ଯ୍ୟ, ଜ୍ୟୋତିଷ କୁମାର ସାହୁ, ଜୟକୃଷ୍ଣ ସୁବୁଦ୍ଧି, ବିନୋଦ ପାଣି, ସୁଧାଂଶୁ ମହାନ୍ତି, ସଂକୁନା କହଁର, ଆଲୋକ ମହାନ୍ତି, ମନୋରଜ ରାଉତରାୟ, ଖଗେଶ୍ବର ମଲ୍ଲିକ, ତାପସ ସେଠୀ, ଜମ୍ମେଶ୍ବର ମଲ୍ଲିକ, ତରୁଣ ମିଶ୍ର, ସଂଜୟ ମିଶ୍ର, ପ୍ରଶନ୍ନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦଙ୍କ ବାସଭବନରେ ମିଶ୍ରଣ ପର୍ବ

ଭଦ୍ରକ, (ପି.ଏନ): ସାଧାରଣ ନିର୍ବାଚନ ୧ ବର୍ଷରୁ କମ୍ ଥିବାବେଳେ ଭଣ୍ଡାରିପୋଖରୀ କଂଗ୍ରେସକୁ ଲାଗିଛି ଜୋରଦାର ଝଟକା। ଭଣ୍ଡାରିପୋଖରୀ ବ୍ଲକ୍ ଗୋବିନ୍ଦପୁର କଂଗ୍ରେସ ସମର୍ଥିତ ସରପ ସସ୍ମିତା ମହାପାତ୍ର, ଜିଲା କଂଗ୍ରେସ ମୁଖପାତ୍ର ଭବେନ୍ଦ୍ର କୁମାର ସାହୁ ସେମାନଙ୍କ ସମର୍ଥକଙ୍କ ସହ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳଙ୍କ ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ ଅବସରରେ ସାଂସଦ ଶ୍ରୀମତୀ ମଣ୍ଡଳ ସେମାନଙ୍କୁ ପୁଷ୍ପଗୁଚ୍ଛ, ଉ ରୀୟ ଦେଇ ଦଳକୁ ସ୍ବାଗତ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ତଥା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବରିଷ୍ଠ ନେତା ରବି ଦାସ ପ୍ରମୁଖ ଉପସ୍ଥିତ ରହି ଏହି ମିଶ୍ରଣ ପର୍ବ ଦ୍ବାରା ଦଳ ଭଣ୍ଡାରିପୋଖରୀରେ ଆହୁରି ସଶକ୍ତ ହେବ ବୋଲି କହିଥିଲେ। ଦଳ ଯେଉଁ ଦାୟିତ୍ବ ଦେବ, ତାକୁ ନିଷ୍ଠାର ସହ ପାଳନ କରିବାକୁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି ସରପ ଶ୍ରୀମତୀ ମହାପାତ୍ର ଓ ମୁଖପାତ୍ର ଶ୍ରୀ ସାହୁ କହିଛନ୍ତି।

# ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା



କଟକ,(ପି.ଏନ) : ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନ୍ୟତା ପାଇଥିବା ପ୍ରବୀଣ ଫୌଜଦାରୀ ଓକିଲ ସୌର ଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ସାଇ ଆଶ୍ରୟ, ଶ୍ରୀ ଗୁରୁ ଅନୁକୂଳାଶ୍ରମ, ଭାଗବତଗାଦି ବଡ଼ଦାଣ୍ଡ ଓ ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁଙ୍କ ପରିଚାଳନାରେ ଶ୍ରୀ ସତ୍ୟସାଇ ବିଦ୍ୟାଳୟ, କେବିକେ ରୋଡ୍ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଶିକ୍ଷାବିତ ଡକ୍ଟର ରାଜକିଶୋର ମିଶ୍ର, ରାଜ୍ୟ ସତ୍ୟସାଇ ସଙ୍ଗଠନର ପୁସ୍ତକନ୍ୟାସର ଆବାହକ ତଥା ପ୍ରାକୃତିକ ଚିକିତ୍ସକ ବିଜୟ କୁମାର ପୃଷ୍ଟି, ସମାଜସେବୀ ତ୍ରିନାଥ କୁମାର ଓଝା ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଥାଉକି କ୍ରିମିନାଲ କୋର୍ଟ ବାର ଆସୋସିଏସନର ଦୁଇଥର ସଭାପତି, ରାଜ୍ୟ ଆଇନଜୀବୀ ପରିଷଦର ଦୁଇଥର ସଦସ୍ୟ, ସେକ୍ଟର-୯ ସରସ୍ବତୀ ଶିଶୁ ମନ୍ଦିରର ବାରବର୍ଷ ଧରି ପ୍ରତିଷ୍ଠାତା ସମ୍ପାଦକ ତଥା ସତ୍ୟସାଇ ବିଦ୍ୟାଳୟ ପରିଚାଳନା କମିଟିର ବର୍ତ୍ତମାନ ସଭାପତି ରହିଥିବା ଶ୍ରୀ ମହାପାତ୍ର ରାଜ୍ୟର ଜଣେ ଦକ୍ଷ ଓ ଅଭିଜ୍ଞ ଫୌଜଦାରୀ ଓକିଲ ଭାବେ ପରିଚିତ। ବିଭିନ୍ନ ଆଧ୍ୟାତ୍ମିକ ସେବାଭିମୁଖୀ ଓ ସାଂସ୍କୃତିକ ସଙ୍ଗଠନ ଠାରୁ ପୂର୍ବରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ବର୍ତ୍ତମାନ ଓକିଲ ମାନଙ୍କ ପାଇଁ ସାମାଜିକ ଜୀବନରେ ଶାନ୍ତି, ଶୃଙ୍ଖଳା, କର୍ତ୍ତବ୍ୟବୋଧ ଓ ପରିବର୍ତ୍ତନ ପାଇଁ ସେ ଅଙ୍ଗୀକାରବଦ୍ଧ ଓ ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ପାଇଥିବାରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ଜାଗ୍ରତ ପ୍ରହରୀ 'ନବୀନ' : ଗିରିଧର ଗମାଙ୍ଗ

ବ୍ରହ୍ମପୁର,(ପି.ଏନ): ସ୍ବତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ବାଧୀନତା ସଂଗ୍ରାମରେ ସର୍ବପୁରାତନ ସାପ୍ତାହିକ ସମ୍ବାଦପତ୍ର 'ନବୀନ'ର ଅବଦାନ ଅବିସ୍ମରଣୀୟ। ବିଶେଷକରି ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ଏହି ସମ୍ବାଦପତ୍ର ଜାଗ୍ରତ ପ୍ରହରୀର ଭୂମିକା ଗ୍ରହଣ କରିଆସିଛି ବୋଲି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶ୍ବପ୍ରସିଦ୍ଧ ଲୋକବାଦ୍ୟ କଳାକାର ଡ଼. ଗିରିଧର ଗମାଙ୍ଗ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ନବୀନ ଭବନ ପରିସରରେ ନବୀନର ସମ୍ପାଦକ ତଥା ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସଭାପତି ରବି ରଥଙ୍କ ସଭାପତିତ୍ବରେ ଅନୁଷ୍ଠିତ ୨୫ତମ ବିଷୁବ ମିଳନ ଓ ରଜତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଡ଼. ଗମାଙ୍ଗ ଯୋଗଦେଇ ଉପରୋକ୍ତ ମତ ରଖିଥିଲେ। ସ୍ବାଗତ ସମିତି ଅଧ୍ୟକ୍ଷ ପଣ୍ଡିତ ଜଗନ୍ନାଥ ପଣ୍ଡାଙ୍କ ଆବାହକତ୍ବରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା



ଭାବେ ଖଲ୍ଲିକୋଟ ବିଶ୍ବବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଐତିହାସିକ ଡ଼. ମନ୍ମଥ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଇଂ. ଯାମିନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶାର କବି-ସାହିତ୍ୟିକମାନଙ୍କୁ ପ୍ରେରଣା ଯୋଗାଇବାରେ 'ନବୀନ'ର ଭୂମିକା ସର୍ବାଗ୍ରେ ବୋଲି କହିଥିଲେ। ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ବିପ୍ରଚରଣ ପାତ୍ର, ସୁଲେଖିକା କଲ୍ୟାଣୀ ସଂଘମିତ୍ରା ଦେବୀ, ସମାଜସେବୀ ବଂଶୀଧର ନାୟକ, ସଂଗୀତଜ୍ଞ ପ୍ରଶାନ୍ତ କୁମାର ନାୟକ ଓ ଗବେଷିକା ଡ଼. ନଳିନୀପ୍ରଭା ଦାସଙ୍କୁ 'ନବୀନ ବିଷୁବ ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା। ଏହା ସହିତ ଅତିଥିଙ୍କ ଦ୍ବାରା ଆଶୁକବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରଚିତ ନାଟକ ପୁସ୍ତକ 'ମହାକବି ଉପେନ୍ଦ୍ର ଭଞ୍ଜ' ଓ ପ୍ରଫେସର ଡ଼ମ୍ବରୁଧର ସାହୁଙ୍କ ରଚିତ 'ମାର୍ଗଦର୍ଶିକା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଅଧିବେଶନ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ବ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶଶିଭୂଷଣ ରଥ ମହିଳା ସ୍ବୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼, କାହ୍ନୁ ଚରଣ ପାଢ଼ୀ ଯୋଗ ଦେଇଥିଲେ। କବି ଚିନ୍ମୟ ରଞ୍ଜନ ମିଶ୍ର, ସୁପ୍ରଜିତ କୁମାର ସାହୁ ଓ ବନ୍ଦନା ମିଶ୍ର ପ୍ରମୁଖ କବିତା ସଂଯୋଜନା କରିଥିଲେ। ଶତାଧିକ କବି-କବୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ଦାବି ନେଇ ପ୍ରସ୍ତୁତି ବୈଠକ

ଦର୍ପଣ,(ପିଏନ୍): ଚଣ୍ଡିଖୋଲ ଏକ କେନ୍ଦ୍ରାଂଚଳ ହୋଇଥିଲେ ହେଁ ଆଜିପର୍ଯ୍ୟନ୍ତ ଜିଲ୍ଲା ପୁନଃର୍ଗଠନରେ ବାଦ ଦେଇ ଅବହେଳିତ ଅବସ୍ଥାରେ ଚଣ୍ଡିଖୋଲ ପଡ଼ି ରହିଛି। ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଦାସ କମିସନ ବସାଇ ଜିଲ୍ଲା ପୁନଃର୍ଗଠନ ସମ୍ପର୍କରେ ଯୋଜନା ପ୍ରସ୍ତୁତି କରିଥିଲେ। ସେ ସମୟରେ ଦାସ କମିଶନ କଟକ ଜିଲ୍ଲାକୁ ବିଭାଜିତ କରାଇ ଚଣ୍ଡିଖୋଲ ଛକଠାରେ ଉତର କଟକ ଜିଲ୍ଲା ପୁନଃର୍ଗଠନ କରିବା ପାଇଁ ତାଙ୍କ ରିପୋର୍ଟରେ ଦର୍ଶାଇ ଥିଲେ। ସେ କଥାକୁ ବିଚାରକୁ ନନେଇ ୧୯୯୦ ମସିହାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳ ସମୟରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ବର୍ଦ୍ଧିତ କରାଇ ୩୦ ଜିଲ୍ଲାରେ ପରିଣତ କରାଇଲେ। ସେଥିରେ ମଧ୍ୟ ଯାଜପୁରକୁ ଜିଲ୍ଲା କରି ଉତର କଟକ ଜିଲ୍ଲାକୁ ବାଦ ଦେଇଥିଲେ। ସେହି ଦିନ ଠାରୁ ଦିବିହୋଇ ଆସିଥିଲେ ହେଁ ଆଜି ପର୍ଯ୍ୟନ୍ତ ଜିଲ୍ଲାତ ହୋଇପାରିଲା ନାହିଁ ୧୯୯୦ ମସିହାର ରାଜସ୍ବ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଚଣ୍ଡିଖୋଲକୁ ସବଡ଼ିଭିଜନ୍‌ର ମାନ୍ୟତା ଦେବା ପାଇଁ କହିଥିଲେ ହେଁ ତାହା ମଧ୍ୟ ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ସେ ସମୟର ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚଣ୍ଡିଖୋଲକୁ ଏନ୍ଏସ୍‌ସିର ମାନ୍ୟତା ଦେବାପାଇଁ କହିଥିଲେ ହେଁ ବିଭିନ୍ନ ରାଜ୍ୟର ବିଭିନ୍ନ ସ୍ଥାନରେ ଏନ୍ଏସ୍‌ସି ପୁନଃଗଠନ ହୋଇଥିଲେ ହେଁ ତାହା ମଧ୍ୟ ଚଣ୍ଡିଖୋଲରେ ହୋଇପାରି ନାହିଁ। ଏହି ଦାବିକୁ ନେଇ ଚଣ୍ଡିଖୋଲ ଛକ ସ୍ଥିତ ରାଜିବ ମେମୋରିଆଲ କଲଚରାଲ ସେଂଟର ଠାରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଡ଼ଚଣାର କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ସାହୁ, ଅସ୍ଥାୟୀ ବ୍ୟବସାୟୀ ସଂଘର ସଭାପତି ମହେଶ୍ବର ବଳ, ବରିଷ୍ଠ ନାଗରିକ ମଂଚ ଉପସଭାପତି କ୍ଷୀରୋଦ ମହାଲା, କମ୍ରେଡ଼ ଯଚିନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ କୁଳମଣୀ ନାୟକ, ଦୁଷ୍ମନ୍ତ ସ୍ବାଇଁ, କଂଗ୍ରେସ ନେତା ନିରଞ୍ଜନ ବିଶ୍ବାଳ,ପ୍ରଦୀପ୍ତ ମହାନ୍ତି, ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଣ୍ଡିଖୋଲର ମାନ୍ୟତା ପାଇଁ ଯେଉଁ ଦାବି ଗୁଡ଼ିକୁ ସରକାର ଦାବି ହୋଇଥିଲେ ହେଁ ଗ୍ରହଣ କରିପାରି ନାହାଁନ୍ତି ସେ ଦାବିକୁ ଗ୍ରହଣ କରିବା ପାଇଁ ଆମେ ସମସ୍ତେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଜନସାଧାରଣ ସାମିଲ ହୋଇ ଚଣ୍ଡିଖୋଲ ଛକଠାରେ ଧାରଣା ଦେବା, ରାସ୍ତାରୋକ କରିବାର ଆବଶ୍ୟକତା ରହିଅଛି। ସରକାରଙ୍କଠାରୁ ଦାବି ହାସଲ ପାଇଁ ଏଠାରେ ଏକ ସାଧାରଣ ସଭାର ଆବଶ୍ୟକତା ରହିଛି ବୋଲି ସମସ୍ତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅପ୍ରିଲ ଶେଷବେଳକୁ ଚଣ୍ଡିଖୋଲ ଛକରେ ଏକ ଧାରଣା ଦେବାପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

# ୯୦ ପ୍ରତିଶତ ଅଂସଗଠିତ ଶ୍ରମିକ ଓ ଅଧିକ ଶ୍ରମିକ ସଂଗଠନ ଶ୍ରମିକ ଆନ୍ଦୋଳନ ପାଇଁ ଏକ ଆହ୍ବାନ

ଭୁବନେଶ୍ବର,(ପି.ଏନ): ଦକ୍ଷିଣ ଏସିଆର ଦେଶ ଭାରତ, ବାଙ୍ଗଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା ଓ ନେପାଳରେ ସଂଗଠିତ ଶ୍ରମିକଙ୍କ ସଂଖ୍ୟା ୧୦ ପ୍ରତିଶତରୁ କମ୍ ଏବଂ ସାରା ଦୁନିଆରେ ୧୬୫ ମିଲିୟନ ପ୍ରବାସି ଶ୍ରମିକ କାର୍ଯ୍ୟ କରୁଥିଲା ବେଳେ ଏହାର ୩୦ ପ୍ରତିଶତ ଶ୍ରମିକ କେବଳ ଦକ୍ଷିଣ ଏସିଆ ଫିଲ୍‌ପିନ୍ ଓ ଏଣ୍ଡୋନେସିଆରୁ ପ୍ରବାସୀ ଶ୍ରମିକ ଭାବରେ କାର୍ଯ୍ୟ କରିଥାନ୍ତି। ଯେଉଁମାନେ ଆଦୌଂ ସଂଗଠିତ ନୁହଁନ୍ତି। ଶତକଡ଼ା ଅସଂଗଠିତ ଶ୍ରମିକ ଓ ଅସଂଗଠିତ ଦାଦନ ଶ୍ରମିକ ତଥା ବିଭିନ୍ନ ୟୁନିୟନ ମହାସଂଘ ଓ ଜାତୀୟ ଟ୍ରେଡ଼ ୟୁନିଅନ ଅଧିକ ହେତୁ ବିଭାଜିତ ଶ୍ରମିକ ସଂଗଠନ ଓ ଅସଂଗଠିତ ଶ୍ରମିକ ଦକ୍ଷିଣ ଏସିଆର ଶ୍ରମିକ ଆନ୍ଦୋଳନ ପାଇଁ ସବୁଠୁ ବଡ଼ ଦୁର୍ବଳତା ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ତଥା ଏସିଆ ପେସିଫିକ୍‌ର ଉପାଧ୍ୟକ୍ଷ ଡ଼ଃ ରାମଚନ୍ଦ୍ର ଖୁଂଟିଆ ୧୦ ଓ ୧୧ ତାରିଖ ଅପ୍ରିଲ ମାସ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ସଭାପତି ମଣ୍ଡଳୀ ବୈଠକରେ ଆଲୋଚନାରେ ଭାଗ ନେଇ କହିଛନ୍ତି। ଏଣୁ ଜାତୀୟ ଟ୍ରେଡ଼ ୟୁନିଅନ ମହାସଂଘ ଓ ୟୁନିୟନ ଗୁଡ଼ିକ ଅସଂଗଠିତ ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କୁ ସଂଗଠିତ କରିବା ପାଇଁ ଅଧିକ ଗୁରୁତ୍ବ ଦେବା ପାଇଁ ଓ ଜାତୀୟ ରାଜ୍ୟ ଓ ୟୁନିଟନ୍ ସ୍ତରରେ ଶ୍ରମିକ ସଂଗଠନ ଗୁଡ଼ିକ ମଧ୍ୟରେ ଏକତା ଓ ସମନ୍ବୟ ଆଣିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଛନ୍ତି। ୫୦ ପ୍ରତିଶତ ଅଂସଗିଠତ ଶ୍ରମିକ ଓ ପ୍ରବାସୀ ଶ୍ରମିକ ମାନଙ୍କୁ ସଂଗଠିତ କରିପାରିଲେ। ଭାରତ ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା, ପାକିସ୍ତାନରେ କୌଣସି ରାଜନୈତିକ ଦଳ ଓ ସରକାର ଶ୍ରମିକ କର୍ମଚାରୀଙ୍କ ଦାବୀ ଓ ଅଧିକାରକୁ ଅଣଦେଖା କରିପାରିବେ ବୋଲି ଡ଼ଃ ଖୁଂଟିଆ ଦୃଢ଼ତି ପ୍ରକାଶ କରିଛନ୍ତି। ଏହି ବୈଠକରେ ଅସଂଗଠିତ ଶ୍ରମିକକୁ ସଂଗଠିତ କରିବା, ପ୍ରବାସୀ ଶ୍ରମିକଙ୍କୁ ସଂଗଠିତ କରିବା, ସଂଯୁକ୍ତ ରାଷ୍ଟର ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରସ୍ତୁତ ଗ୍ଲୋବାଲ କମ୍‌ପାକ୍ଟ ଅନ୍ ମାଇଗ୍ରେସନକୁ କାର୍ଯ୍ୟକାରୀ କରିବା ତଥା ଜାତୀୟ ସ୍ତରରେ ସ୍ବାସ୍ଥ୍ୟ ନିରାପତା ଓ ସାମାଜିକ ସୁରକ୍ଷା ପାଇଁ ସମନ୍ବିତ ଦାବୀପତ୍ର ସହିତ ଆଇନ୍ ପ୍ରଣୟନ ଉଦ୍ୟମ କରିବା ପାଇଁ ନିଷ୍ପତି ହୋଇଛି। ଏହି ସଭାରେ ଏସିଆ ପ୍ରଶାନ୍ତ ମହାସାଗର ଅଂଚଳର ଅଧ୍ୟକ୍ଷ ଦେବନାନୁ ପୌରହିତ କରିଥିଲେ। ଏହି ବୈଠକରେ ମିଆଁମାରରେ ମିଲିଟାରୀ ମାନଙ୍କ ଦ୍ବାରା ଶ୍ରମିକ କର୍ମଚାରୀ ମାନଙ୍କ ଉପରେ ଅତ୍ୟାଚାର କରିବା ଓ ହଜାର ହଜାର ଶ୍ରମିକ ନେତାମାନଙ୍କୁ ଗିରଫ କରି ଜେଲ୍‌ରେ ରଖିବାରୁ ଏହି ବୈଠକରେ ଏହାର ଦୃଢ଼ ନିନ୍ଦାବାଦ କରାଯାଇଛି ଏବଂ ଶ୍ରମିକ କର୍ମଚାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ମଧ୍ୟ ନିନ୍ଦା କରାଯାଇଛି ଏବଂ ଫିଲ୍‌ପିନ୍ ଉପରେ ଶ୍ରମିକ ଅତ୍ୟାଚାର କରିବା ହେତୁ ଦୃଢ଼ ନିନ୍ଦାବାଦ କରାଯାଇଅଛି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray